ବର୍ଷ-୨୬, ସଂଖ୍ୟା-୩୧୨
ଭୁବନେଶ୍ୱର
ନଭେମ୍ବର, ୨୨, ୨୦୨୬ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 312
Bhubaneswar
November, 22, 2026, Sunday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଓଡ଼ିଶା ବିଧାନସଭା ପରିସରରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ଶ୍ରୀମତୀ ସୁରମା ପାତ୍ରୀ, ଉପ-ମୁଖ୍ୟମନ୍ତ୍ରୀ କେ.ଭି. ସିଂହ ଦେଓ ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ପୁଷ୍ପାଞ୍ଜଳି ଅର୍ପଣ କରୁଛନ୍ତି ।

ଆଜିଠୁ ବାତ୍ୟା କ୍ଷୟକ୍ଷତି ଆକଳନ

୮ଟି ନଦୀର ଭିତ୍ତିଭୂମିର ହେବ ବିକାଶ

ଭୁବନେଶ୍ୱ.୨୧।୧୧(ମହାଭାରତ.): ବାତ୍ୟା 'ଅକ୍ୱାନ' ଜନିତ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ । ଆସନ୍ତାକାଲିଠାରୁ ବାତ୍ୟା ଜନିତ କ୍ଷୟକ୍ଷତିର ଆକଳନ ଆରମ୍ଭ ହେବ । ଆଦୌ ବିଚଳିତ ନ ହେବାକୁ ଚାଷୀଭାଇ ମାନଙ୍କୁ ପରାମର୍ଶ ଦେଇଛନ୍ତି ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି ।

ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ କହିଛନ୍ତି ଯେ ବାତ୍ୟାକୁ ସଫଳତାର ସହିତ ମୁକାବିଲା କରାଯାଇଛି । ବିଶେଷକିଛି କ୍ଷୟକ୍ଷତି ହୋଇନାହିଁ । କେବଳ ଫସଲ ନଷ୍ଟ ହୋଇଛି । ମନ୍ତ୍ରୀ କହିଛନ୍ତି ଯେ ଆସନ୍ତାକାଲିଠାରୁ ବାତ୍ୟାଜନିତ କ୍ଷୟକ୍ଷତିର ଆକଳନ ଆରମ୍ଭ ହେବ । ଯେଉଁ ସ୍ଥାନରେ ଅଧିକାରୀମାନେ ନିୟୋଜିତ ହୋଇଛନ୍ତି ସେମାନେ ଆବଶ୍ୟକ ଅନୁଯାୟୀ ସେଠାରେ ରହିବେ । ନ ହେଲେ ପ୍ରତ୍ୟାବର୍ତ୍ତନ କରିବା ଆରମ୍ଭ କରିବେ । ସମସ୍ତ କ୍ଷୟକ୍ଷତିର ଆକଳନ କରାଯାଇ ଏସଡିଆରଏଫ୍ ଏବଂ ଏନଡିଆରଏଫର ଗାଇଡ୍ ଲାଇନ୍ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ । ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ଇନ୍‌ପୁଟ୍ ସବ୍‌ସିଡି ମିଳିବ । ବୀମା



ଅନୁସାରେ କିପରି କ୍ଷତିପୂରଣ ରାଶି ଯଥାଶୀଘ୍ର ପହଁଚି କୃଷି ବିଭାଗ କାମ କରୁଛି । ଯେଉଁମାନଙ୍କର ଧାନ ଓଦା ହୋଇଛି ନିୟମ ଅନୁସାରେ କ୍ଷତିପୂରଣ ଦିଆଯିବ ।

ସେହିପରି ଅର୍ଣ୍ଣବ ସମୟରେ ଗଞ୍ଜାମ ଜିଲ୍ଲାରେ ଯେଉଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା ତାହାର ମୁକାବିଲା ପାଇଁ ଦୀର୍ଘମିଆଦୀ ଯୋଜନା କରାଯାଉଛି । ଫଳରେ ପ୍ରାକୃତିକ ବିପର୍ଯ୍ୟୟ ର ପ୍ରକୋପକୁ କମ୍ କରାଯାଇ ପାରିବ । ଓଡ଼ିଶାର ନଦୀ ବ୍ୟବସ୍ଥାକୁ ନେଇ ଡିପିଆର୍ ପ୍ରସ୍ତୁତ କରାଯାଉଛି । ପ୍ରାଥମିକ ପର୍ଯ୍ୟାୟରେ ୮ଟି ନଦୀ ଭିତ୍ତିଭୂମି ବିକାଶ କରାଯିବ । ପ୍ରତି ନଦୀର ଆବଶ୍ୟକତା ଅନୁସାରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ଭିତ୍ତିଭୂମିର ବିକାଶ କରାଯିବ । ଏ ନେଇ ଜଳ ସମ୍ପଦ ବିଭାଗ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବୈଠକ ବସିବ । ରାଜ୍ୟରେ ଥିବା ୧୧ଟି ନଦୀ ବନ୍ଧ ପ୍ରଣାଳୀ ମଧ୍ୟରୁ କେବଳ ମହାନଦୀ ଓ ରେଙ୍ଗାଲୀ ନଦୀବନ୍ଧ ପ୍ରଣାଳୀ ଠିକ୍ ? କାମ କରୁଛି । ଅନ୍ୟ ୮ଟି ନଦୀ ସିଷ୍ଟମ୍ ?ର ବିକାଶ ପାଇଁ ଦୀର୍ଘମିଆଦୀ ରୋଡ୍ ?ମ୍ୟାପ୍ ହେବ । ଏଥିପାଇଁ ପ୍ରତି ଦିନ ଗୋଟିଏ ନଦୀବନ୍ଧ ସିଷ୍ଟମ ଉପରେ ଆଲୋଚନା କରାଯାଇ ଦୀର୍ଘମିଆଦୀ ରୋଡ୍ ?ମ୍ୟାପ୍ ହେବ । ବିଭିନ୍ନ ବାତ୍ୟା ଓ ବନ୍ୟାରେ ହୋଇଥିବା କ୍ଷୟକ୍ଷତିକୁ ଦେଖି ଆଗାମୀ ପଚାଶ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ତାହା ଉପରେ ଯୋଜନା ପ୍ରସ୍ତୁତ ହେବ । ଏନେଇ ଆଇଆଇଟି ରୁର୍କି ସହ ମଧ୍ୟ ଯୋଗାଯୋଗ କରାଯାଇଥିବା ସୁରେଶ ପୂଜାରୀ କହିଛନ୍ତି ।

ପେରୁରେ ଶକ୍ତିଶାଳୀ ଭୂମିକମ୍ପ

ପେରୁ୨୧।୧୧(ମହାଭାରତ): ପୁଣି ଥରିଲା ରିଙ୍ଗ୍ ଅଫ୍ ଫାୟାର୍। ଦକ୍ଷିଣ ଆମେରିକୀୟ ଦେଶ ପେରୁରେ ଅନୁଭୂତ ହୋଇଛି ଶକ୍ତିଶାଳୀ ଭୂମିକମ୍ପର ଝଟକା। ଶୁକ୍ରବାର ସନ୍ଧ୍ୟାରେ ଆଣ୍ଡିଜ୍ ପର୍ବତମାଳା ଅଞ୍ଚଳରେ ୬.୯ ତୀବ୍ରତାର ଭୂମିକମ୍ପ ହୋଇଛି। ଏହାର ଝଟକା ରାଜଧାନୀ ଲିମା ପର୍ଯ୍ୟନ୍ତ ଅନୁଭୂତ ହୋଇଥିବା ବେଳେ ଭୟଭୀତ ହୋଇ ଲୋକେ ଘରୁ ବାହାରି ରାସ୍ତାକୁ ଧାଇଁ ଆସିଥିଲେ। ତେବେ ଏପର୍ଯ୍ୟନ୍ତ କୌଣସି ମୃତାହତ କିମ୍ବା ବଡ଼ଧରଣର କ୍ଷୟକ୍ଷତିର ଖବର ମିଳିନାହିଁ।

ଆମେରିକାର ଭୂତତ୍ତ୍ୱ ସର୍ଭେକ୍ଷଣ ସଂସ୍ଥା ଅନୁଯାୟୀ, ସ୍ଥାନୀୟ ସମୟ ଶୁକ୍ରବାର ସନ୍ଧ୍ୟା ୭ଟା ୯ ମିନିଟ୍ ?ରେ ଏହି ଭୂମିକମ୍ପ ହୋଇଥିଲା। ଭାରତୀୟ ସମୟ ଅନୁସାରେ ଶନିବାର ସକାଳେ ଏହା ରେକର୍ଡ ହୋଇଥିଲା। ଭୂମିକମ୍ପର କେନ୍ଦ୍ରସ୍ଥଳ ଆଣ୍ଡିଜ୍ ଅଞ୍ଚଳର ଜୁନିନ୍‌ଠାରୁ ୩୪ କିଲୋମିଟର ଉତ୍ତରରେ ଥିଲା। ଭୂପୃଷ୍ଠଠାରୁ ୧୦୮ କିଲୋମିଟର ଗଭୀରରେ ଏହା ସୃଷ୍ଟି ହୋଇଥିଲା। ଭୂମିକମ୍ପର ତୀବ୍ର ଝଟକା ପେରୁର ରାଜଧାନୀ ଲିମାରେ ମଧ୍ୟ ଅନୁଭୂତ ହୋଇଥିଲା। ଘର ଓ କୋଠାଘର ଦୋହଲିବାରୁ ଆତଙ୍କିତ ହୋଇ ଲୋକମାନେ ରାସ୍ତାକୁ ଚାଲିଆସିଥିଲେ। ଅନ୍ୟପଟେ ପେରୁର ଜିଓଫିଜିକାଲ୍ ଇନଷ୍ଟିଚ୍ୟୁଟ୍ ପକ୍ଷରୁ କୌଣସି ଧନଜୀବନ କ୍ଷୟକ୍ଷତିର ଖବର ମିଳିନଥିବା ସ୍ପଷ୍ଟ କରାଯାଇଛି।ପେରୁ ପ୍ରଶାନ୍ତ ମହାସାଗରକୁ ଘେରି ରହିଥିବା ପ୍ରାୟ ୪୦ ହଜାର କିଲୋମିଟର ଲମ୍ବା 'ରିଙ୍ଗ୍ ଅଫ୍ ଫାୟାର୍' ଅଞ୍ଚଳରେ ଅବସ୍ଥିତ। ଏହି ଅଞ୍ଚଳରେ ଅନେକ ଆଗ୍ନେୟଗିରି ଓ ଭୂତାତ୍ତ୍ୱିକ ଫଲ୍ଟ ଲାଇନ୍ ରହିଛି। ବିଶ୍ୱର ଅଧିକାଂଶ ଭୂମିକମ୍ପ ଏହି ଅଞ୍ଚଳରେ ଘଟିଥାଏ।

୩ ବାତ୍ୟା ଗଲା; ସୃଷ୍ଟି ହୋଇପାରେ ଆଉ ଏକ ଘୂର୍ଣ୍ଣିବଳୟ

ଭୁବନେଶ୍ୱର, ୨୧।୧୧(ମହାଭାରତ): ବଙ୍ଗୋପସାଗରରେ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ (ଡିଜି) ମୃତ୍ୟୁଞ୍ଜୟ ମହାପାତ୍ର ଆଜି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆମେ ଏ ପର୍ଯ୍ୟନ୍ତ କୌଣସି ବାତ୍ୟାର ପୂର୍ବାନୁମାନ କରିନାହୁଁ। ପ୍ରତିଦିନ ମନିଟରିଂ ଚାଲିଛି। ଯଦି ଏଭଳି କିଛି ଡେଭଲପମେଣ୍ଟ ହୁଏ, ତା'ହେଲେ ତା'ର ପୂର୍ବାନୁମାନ କରାଯିବ। ଗତ ଗୁରୁବାର ଜାରି ହୋଇଥିବା ୧୫ ଦିନିଆ ଆଗୁଆ ଆକଳନରେ ଉଲ୍ଲେଖ କରାଯାଇଛି ଯେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। କିନ୍ତୁ ଏହାର ସ୍ଥିତି କ'ଣ ରହିବ, କେତେ ତୀବ୍ରତା ରହିବ- ତା'ର କୌଣସି ରୂପରେଖ ଏପର୍ଯ୍ୟନ୍ତ ଆମେ ଜାରି କରିନାହୁଁ।

ଶ୍ରୀ ମହାପାତ୍ର କହିଛନ୍ତି, ପ୍ରତି ବର୍ଷ ସାଧାରଣତଃ ୫ଟି ବାତ୍ୟା ବଙ୍ଗୋପସାଗରରେ ସୃଷ୍ଟି ହୋଇଥାଏ। ଏହି ୫ଟି ବାତ୍ୟା ମଧ୍ୟରୁ ୩/୪ଟି ଅକ୍ଟୋବର, ନଭେମ୍ବର, ଡିସେମ୍ବରରେ ଏବଂ ୧/୨ଟି ଏପ୍ରିଲ, ମେ ଓ ଜୁନ୍ ସମୟରେ ସୃଷ୍ଟି ହୋଇଥାଏ। ଏ ବର୍ଷ ଏ ପର୍ଯ୍ୟନ୍ତ ୩ଟି ବାତ୍ୟା ହୋଇଛି। ଅର୍ଥାତ୍ ସାଧାରଣତଃ ଯେତିକି ବାତ୍ୟା ସୃଷ୍ଟି ହୋଇଥାଏ, ତା'ଠାରୁ କମ୍ ହୋଇଛି। ଏ ବର୍ଷ ୩ଟି ବାତ୍ୟା ଗୋଟିଏ ପରେ ଗୋଟିଏ ସୃଷ୍ଟି ହୋଇଛି ଏବଂ ଏହା ଆନ୍ଧ୍ର ପ୍ରଦେଶ ଓ ଓଡ଼ିଶାକୁ ପ୍ରଭାବିତ କରିଛି।

ସେ ଆହୁରି କହିଛନ୍ତି, ତୁଳନା କଲେ ଦେଖାଯାଏ ଯେ ୧୯୮୭ରେ ଏହିଭଳି ହୋଇଥିଲା। ଅକ୍ଟୋବର, ନଭେମ୍ବର, ଡିସେମ୍ବରରେ ୩ଟି ବାତ୍ୟା ସୃଷ୍ଟି



ହୋଇଥିଲା। ତା' ପୂର୍ବରୁ କୌଣସି ବାତ୍ୟା ହୋଇ ନଥିଲା। ଏ ବର୍ଷ ମଧ୍ୟ ସେମିତି ହୋଇଛି। ସେଗୁଡ଼ିକ ମଧ୍ୟ ଆନ୍ଧ୍ର ପ୍ରଦେଶ ଓ ଓଡ଼ିଶାକୁ ପ୍ରଭାବିତ କରିଥିଲା। ଯଦି ଆମେ ବାୟୁମଣ୍ଡଳର ପ୍ରକ୍ରିୟା ଦେଖିବା ତା'ହେଲେ ଏ ବର୍ଷଟି ହେଉଛି ଏକ ଷ୍ଟ୍ରଙ୍ଗ୍ ଏଲିନୋ ବର୍ଷ। ୧୯୮୭ ମଧ୍ୟ ଷ୍ଟ୍ରଙ୍ଗ ଏଲିନୋ ବର୍ଷ ଥିଲା। ତେଣୁ ଗୋଟିଏ ସାମଞ୍ଜସ୍ୟ ଦେଖାଯାଉଛି ଯେ ଏଲିନୋ ପାଇଁ ବାତ୍ୟାର ଏହିଭଳି ଗତିବିଧି ଦେଖିବାକୁ ମିଳିଛି। ଆଉ ଗୋଟିଏ କଥା ହେଉଛି ଯେ ୧୯୮୭ରେ ମଧ୍ୟ ମୌସୁମୀ ଋତୁରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଥିଲା। ଆଉ ଚଳିତ ବର୍ଷ ମଧ୍ୟ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି। ୧୯୮୭ରେ ଆମର ପୂର୍ବାନୁମାନ ଓ ସତର୍କ ସୂଚନା ଏତେ ଦୃଢ଼ ନଥିଲା। କିନ୍ତୁ ବର୍ତ୍ତମାନ ମୌସୁମୀ ବର୍ଷା ହେଉ ଅବା ବାତ୍ୟା- ସବୁଗୁଡ଼ିକୁ ଖୁବ୍ ସଠିକ ଭାବେ ଆକଳନ କରାଯାଇପାରୁଛି।

ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଭୋଗରାଇରେ ସର୍ବାଧିକ ୧୪୩ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ତଥ୍ୟ ଅନୁସାରେ, ରାଜ୍ୟର ଗୋଟିଏ ସ୍ଥାନରେ ଅତି ପ୍ରବଳ ବର୍ଷା ହୋଇଥିବା ବେଳେ ୧୩ଟି ସ୍ଥାନରେ ଭାରୀ ବର୍ଷା ରେକର୍ଡ ହୋଇଛି।

ପାଣିପାଗ କେନ୍ଦ୍ରର ତଥ୍ୟ ଅନୁସାରେ, ଭୋଗରାଇରେ ୧୪୩ ମିମି ବର୍ଷା ହୋଇଥିବା ବେଳେ ନୟାଗଡ଼ ଜିଲ୍ଲାର ଓଡ଼ଗାଁରେ ୧୦୮.୬ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ଗଞ୍ଜାମ ଜିଲ୍ଲାର ବୁଗୁଡ଼ାରେ ୧୦୨ ମିମି ବର୍ଷା ହୋଇଛି।

୨୭ ସୁଦ୍ଧା ସିଡବ୍ଲୁସି ଦେବ ମହାନଦୀ ଜଳ ଆବଣ୍ଟନ ରିପୋର୍ଟ

ଟ୍ରିବ୍ୟୁନାଲର ପରବର୍ତ୍ତୀ ଶୁଣାଣି ନଭେମ୍ବର ୩୦କୁ ସ୍ଥଗିତ

ନୂଆଦିଲ୍ଲୀ, ୨୧।୧୧(ମହାଭାରତ): କେନ୍ଦ୍ରୀୟ ଜଳ ଆୟୋଗ(ସିଡବ୍ଲୁସି) ଆସନ୍ତା ୨୭ ତାରିଖ ସୁଦ୍ଧା ଭାରତ ସରକାରଙ୍କ ଜଳ ସମ୍ପଦ ମନ୍ତ୍ରଣାଳୟକୁ ମହାନଦୀ ଜଳ ଆବଣ୍ଟନ ନେଇ ରିପୋର୍ଟ ପ୍ରଦାନ କରିବ । ସିଡବ୍ଲୁସି ପକ୍ଷରୁ ଲିଖିତ ଭାବେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲକୁ ଏନେଇ ଅବଗତ କରାଯାଇଛି । ଫଳରେ ନଭେମ୍ବର ୩୦ରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ଟ୍ରିବ୍ୟୁନାଲ ଦ୍ୱାରା ସ୍ଥିର କରାଯାଇଛି । ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲର ଅଧକ୍ଷା ବେଲା ଏମ୍ ତ୍ରିବେଦୀଙ୍କ ନେତୃତ୍ୱରେ ମହାନଦୀ ଜଳ ବିବାଦ ନେଇ ଶୁଣାଣି ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ଶୁଣାଣି ଆରମ୍ଭରେ ଟ୍ରିବ୍ୟୁନାଲ ଦର୍ଶାଇଥିଲେ, ସିଡବ୍ଲୁସିର ସଦସ୍ୟ-ସଚିବ ଏକ ପତ୍ର ଲେଖି ଜଣାଇଛନ୍ତି, ନଭେମ୍ବର ୨୭ କିମ୍ବା ଏହା ପୂର୍ବରୁ ମହାନଦୀ ଜଳ ଆବଣ୍ଟନ ରିପୋର୍ଟ ଭାରତ ସରକାରଙ୍କ ଜଳ ସମ୍ପଦ ମନ୍ତ୍ରଣାଳୟକୁ ପ୍ରଦାନ କରାଯିବ । ଫଳରେ ଟ୍ରିବ୍ୟୁନାଲ ନଭେମ୍ବର ୩୦ ପର୍ଯ୍ୟନ୍ତ ପରବର୍ତ୍ତୀ ଶୁଣାଣି ପାଇଁ ସ୍ଥଗିତ ରଖିଥିଲେ ।ସୂତ୍ରରୁ ଜଣାପଡ଼ିଛି, ସିଡବ୍ଲୁସି ନଭେମ୍ବର ୨୭ ସୁଦ୍ଧା ଜଳ ସମ୍ପଦ ମନ୍ତ୍ରଣାଳୟକୁ ରିପୋର୍ଟ ପ୍ରଦାନ କରିବ। ପରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ଓ ଛତିଶଗଡ଼ ସମେତ ୫ଟି ରାଜ୍ୟକୁ ନେଇ ବୈଠକ କରିବାର ସମ୍ଭାବନା ରହିଛି । ଏହି ବୈଠକରେ ସିଡବ୍ଲୁସିର ରିପୋର୍ଟ ଉପରେ ଆଲୋଚନା ହେବା ପରେ ଏକ ରାଜନୈତିକ ସହମତି ସୃଷ୍ଟି କରାଯିବ । ୫ଟି ରାଜ୍ୟ ଏଥିରେ ସହମତି ପ୍ରକାଶ କଲେ ଏହି ରିପୋର୍ଟକୁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲକୁ ବୃତ୍ତାନ୍ତ ଅନୁମୋଦନ ସକାଶେ ପଠାଯିବ । ଟ୍ରିବ୍ୟୁନାଲ ଯେଉଁ ନିଷ୍ପତ୍ତି ଗ୍ରହଣ କରିବେ ତାହା ସମସ୍ତ ୫ଟି ରାଜ୍ୟ ପାଇଁ ଲାଗୁ ହେବ ।



ଶାହଙ୍କ ଓଡ଼ିଶା ଗସ୍ତକୁ ନେଇ ମନମୋହନଙ୍କ ବଡ଼ ସୂଚନା

ଭୁବନେଶ୍ୱର ୨୧।୧୧ମହାଭାରତ:: ଖୁବ୍ ଶୀଘ୍ର ଓଡିଶା ଆସିବେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହ । ତେବେ ତାଙ୍କର ଗସ୍ତ କାର୍ଯ୍ୟକ୍ରମ ବୃତ୍ତାନ୍ତ ହୋଇନାହିଁ। କାର୍ଯ୍ୟକ୍ରମ ସ୍ଥିର ହେଲେ ନିଶ୍ଚିତ ସୂଚନା ଦିଆଯିବ ବୋଲି କହିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ପୂର୍ବ ସୂଚନା ଅନୁସାରେ ଚଳିତ ମାସ ୨୮ ଏବଂ ୨୯ ତାରିଖରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଓଡ଼ିଶା ଆସିବେ ବୋଲି କୁହାଯାଇଥିଲା । ଏହି ଗସ୍ତ ସମୟରେ ପୁରୀରେ ପୂର୍ବାଞ୍ଚଳ ଜୋନାଲ କାଉନସିଲ୍ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା । ଏହା ସହ ରାଜ୍ୟ ବିଜେପିର ଶୀର୍ଷ ନେତୃତ୍ୱଙ୍କ ସହ ଅମିତ ଶାହଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ହେବା ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା। ତେବେ ଏସବୁ କାର୍ଯ୍ୟକ୍ରମ ଉପରେ ଏବେ ବୃତ୍ତାନ୍ତ ହୋଇନାହିଁ।

ଡିଏଫଓଙ୍କୁ ମାଡ଼ିବସିଲା ଭିଜିଲାନ୍ସ

ଭୁବନେଶ୍ୱର, ୨୧।୧୧(ମହାଭାରତ): ୧ କୋଟି ୨୩ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗରେ ବନ୍ଧା ହେଲେ ଅନୁଗୋଳ ଜିଲ୍ଲା ସାତକୋଶିଆ ୱାଇଲ୍ଡଲାଇଫ୍ ଡିଭିଜନ ଡିଏଫଓ ଅପିସର ବରିଷ୍ଠ ସହାୟକ (ସିନିୟର ଆସିଷ୍ଟାଣ୍ଟ) ଅଜୟ କୁମାର ନାଏକ। ସେ ଅକ୍ଟୋବର ମାସରୁ ଫେରାର ହୋଇଥିବା ବେଳେ ତାଙ୍କୁ ଗତକାଲି ରାତିରେ ଅନୁଗୋଳ ସହରରୁ ଗିରଫ କରିଥିଲା ଭିଜିଲାନ୍ସ। ଶ୍ରୀ ନାୟକଙ୍କ ଗତିବିଧି ଉପରେ ଭିଜିଲାନ୍ସର ଏକ ଟିମ୍ ନଜର ରଖିଥିଲା। ଗତକାଲି ରାତିରେ ସେ ଏକ କାରରେ ତାଙ୍କ ଘରକୁ ଯାଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା।



୧ କୋଟି ୨୩ ଲକ୍ଷ ଟଙ୍କାର ସରକାରୀ ଅର୍ଥ ହଡ଼ପ ହୋଇଥିବା ନେଇ ଅଭିଯୋଗ ହେବା ପରେ ଏହି ମାମଲାର ତଦନ୍ତ ଦାୟିତ୍ୱ ଭିଜିଲାନ୍ସକୁ ଦିଆଯାଇଥିଲା। ଘଟଣାର ବିସ୍ତୃତ ତଦନ୍ତ ବେଳେ ଭିଜିଲାନ୍ସ ଅଧିକାରୀମାନେ ଜାଣିବାକୁ ପାଇଥିଲେ ଯେ ସିନିୟର ଆସିଷ୍ଟାଣ୍ଟ ଅଜୟ କୁମାର ନାଏକ ବ୍ୟବସ୍ଥିତ ଢଙ୍ଗରେ ସରକାରୀ ଅର୍ଥ ହଡ଼ପ କରିଥିଲେ। ଶ୍ରୀ ନାଏକ ଏଷ୍ଟାବ୍ଲିଶମେଣ୍ଟ ସେକ୍ସନରେ ନିଯୁକ୍ତ ହୋଇଥିଲେ। ସେ ଅଫିସର କର୍ମଚାରୀମାନଙ୍କର ଦରମା, ବ୍ୟବହୃତ ହୋଇନଥିବା ଛୁଟି ବାବଦ ଦରମା ଓ ବକେୟା ଦରମା କଥା ବୁଝାସୁଝି କରୁଥିଲେ। ସେ ଏଜଗଙ୍ଗ ପୋର୍ଟାଲ ମାଧ୍ୟମରେ ଚଞ୍ଚକତା କରି ସେହି ଅଫିସର ପୂର୍ବତନ ଓ ମୃତ କର୍ମଚାରୀଙ୍କ ନାଁରେ ଅବ୍ୟବହୃତ ଛୁଟି ବାବଦ ଅର୍ଥ ଓ ବକେୟା ଦରମା ଉଠାଇ ନେଇଥିଲେ। ୧.୧ ୨୦୧୯ରୁ ୩୦.୬.୨୦୨୫ ମଧ୍ୟରେ ସେ ଏହିଭଳି ଚଞ୍ଚକତା କରି ୧ କୋଟି ୨୩ ଲକ୍ଷ ୫୨ ହଜାର ୫୪୭ ଟଙ୍କା ହଡ଼ପ କରିଥିଲେ। ସେ ଏହି ଟଙ୍କାକୁ ନିଜ ବ୍ୟାଙ୍କ ଏକାଉଣ୍ଟ ଓ ତାଙ୍କର ଦୁଇ ସାଥୀ ଅଭିଯୁକ୍ତଙ୍କ ବ୍ୟାଙ୍କ ଏକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ଏହି ଘଟଣାକୁ ନେଇ କଟକ ଭିଜିଲାନ୍ସ ଥାନାରେ ସିନିୟର ଆସିଷ୍ଟାଣ୍ଟ ଅଜୟ କୁମାର ନାଏକଙ୍କ ନାଁରେ ମାମଲା ରୁଜୁ ହୋଇଛି। ତାଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଥିବା ବେଳେ ମାମଲାର ଅଧିକ ତଦନ୍ତ ଚାଲିଛି।

ବିହାରରେ ମୋଦୀଙ୍କ ବଡ଼ ଉପହାର

ପାଟନା, ୨୧।୧୧: ବିହାର ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପାଟନା ବିମାନବନ୍ଦରରେ ପହଞ୍ଚିବା ପରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ତାଙ୍କୁ ସ୍ୱାଗତ କରିଥିଲେ । ଉଭୟ ନେତା ପରସ୍ପରକୁ ଆଲିଙ୍ଗନ କରିବା ସହ ହାତ ମିଳାଇଥିଲେ । ଏହି ସାକ୍ଷାତର ଫଟୋ ନିଜ ସୋସିଆଲ ମିଡିଆ ଆକାଉଣ୍ଟ ଏକ୍ସରେ ସେୟାର କରିଥିଲେ ପ୍ରଧାନମନ୍ତ୍ରୀ । ଏହାପରେ ବୈଶାଳୀରେ ପହଞ୍ଚି ପ୍ରାୟ ୩୪,୪୭୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ, ଲୋକାର୍ପଣ ଓ ଶିଳାନ୍ୟାସ କରିଥିଲେ । ଏଥିମଧ୍ୟରେ ରହିଥିଲା ବହୁ ପ୍ରତୀକ୍ଷିତ ୬ ଲେନ୍ ବିଶିଷ୍ଟ 'ନୀତୀଶ ସେତୁ' । ପାଟନା ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସ୍ୱାଗତ କରିଥିଲେ ନୀତୀଶ କୁମାର । ଉଭୟଙ୍କ ମଧ୍ୟରେ ସୌଜନ୍ୟମୂଳକ ସାକ୍ଷାତ ସମୟରେ ଆଲିଙ୍ଗନ ଓ ହାତ ମିଳାଇବାର ଦୃଶ୍ୟ ସାମ୍ନାକୁ ଆସିଥିଲା । ଏହାକୁ ନେଇ ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରି ଲେଖିଥିଲେ, 'ପାଟନା ବିମାନବନ୍ଦରରେ ନୀତୀଶ କୁମାର ଜୀଙ୍କୁ ଭେଟି ଅତ୍ୟନ୍ତ ଖୁସି ଲାଗିଲା ।'ବୈଶାଳୀ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ମୋଦୀ ୩୪,୪୭୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ, ଲୋକାର୍ପଣ ଓ ଶିଳାନ୍ୟାସ କରିଥିଲେ । ଏହି ଅବସରରେ କଜି ଦରଗାହ-ବିଦୁପୁର ମଧ୍ୟରେ ନିର୍ମିତ ୯.୬୬ କିଲୋମିଟର ଲମ୍ବର ୬ ଲେନ୍ ବିଶିଷ୍ଟ ସେତୁର ଉଦ୍‌ଘାଟନ କରିଥିଲେ । ଏହି ସେତୁ ବୈଶାଳୀ ଜିଲ୍ଲାର ବିଦୁପୁର ବ୍ଲକକୁ ପାଟନାର ବାହାର ଅଞ୍ଚଳ କଜି ଦରଗାହ ସହ ଯୋଡ଼ିବ । ପୂର୍ବତନ



ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନାମ ଅନୁସାରେ ଏହାର ନାମ 'ନୀତୀଶ ସେତୁ' ରଖାଯାଇଛି । ତେବେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସମୟରେ ନୀତୀଶ କୁମାର ଉପସ୍ଥିତ ନଥିଲେ । କାର୍ଯ୍ୟକ୍ରମରେ ବିହାର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ ସୟଦ ଅତା ହସନୈନ, କେନ୍ଦ୍ରମନ୍



ଜୀବନଚର୍ଯ୍ୟା



ମାଛ ମୁସ୍କା



ଆବଶ୍ୟକୀୟ ସାମଗ୍ରୀ : ମାଛ ୫୦୦ ଗ୍ରାମ, ଛୋଟ ଛୋଟ କଟା ଅଦା ୧ ଚାମଚ, କଟା ରସୁଣ ୧ ଚାମଚ, ୨ଟି କଟା ପିଆଜ, ଗୋଟେ ସିଝା ଆଳୁ, ୧ ଛୋଟ ଚାମଚ ହଳଦି ଗୁଣ୍ଡ, ୧ ଚାମଚ ଲଙ୍କା ଗୁଣ୍ଡ, ୧ ଚାମଚ ଗୋଲ ମରିଚ ଗୁଣ୍ଡ, ୨ କପ୍ ତେଲ, ଲୁଣ ସ୍ୱାଦ ଅନୁସାର, ଭଜା ବ୍ରେଡ ଗୁଣ୍ଡ, ଧନିଆ ପତ୍ର ଓ କର୍ନଫ୍ଲୋର।

ପ୍ରସ୍ତୁତ ପ୍ରଣାଳୀ : ପ୍ରଥମେ ଏକ ବାଉଲରେ ଦୁଇ କପ୍ ପାଣି ପକାନ୍ତୁ। ସେଥିରେ ଲୁଣ ଏବଂ ହଳଦୀ ପକାଇ ୧୦ ମିନିଟ୍ ମାଛକୁ ସିଝାଇ ଦିଅନ୍ତୁ। ଏହାପରେ ସିଝା ମଛରୁ କଣ୍ଟାକୁ ଭଲଭାବେ ବାହାର କରି ଦିଅନ୍ତୁ। ତା'ପରେ ମଛରେ ସିଝା ଆଳୁ, କଟା ପିଆଜ, ରୁଷଣ, ଅଦା, ଲଙ୍କା ଗୁଣ୍ଡ, ଗୋଳ ମରିଚ ଗୁଣ୍ଡ, ଧନିଆ ପତ୍ର, ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଗୋଳା ହଆଇଥିବା ମାଛକୁ ଛୋଟ ଛୋଟ ଆକାରରେ ଗୋଲ କରିଦିଅନ୍ତୁ। ଏହାପରେ ଆଉ ଗୋଟିଏ ପାତ୍ରରେ ୨ କପ୍ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗୋଲ ଆକାର ଦିଆଯାଇଥିବା ମାଛକୁ କର୍ନଫ୍ଲୋରରେ ବୁଡାଇବା ପରେ ସେଥିରେ ବ୍ରେଡ କ୍ରମ୍ସ୍ ଲଗାଇ ତେଲରେ ଛାଣି ଦିଅନ୍ତୁ। ଅଳ୍ପ ନାଲି ହେବା ପରେ ମାଛକୁ ପ୍ଲେଟକୁ ବାହାର କରି ପରଷନ୍ତୁ।

..... ପରଦା ଖବର .....

ସାମନ୍ଥା ହେଲେ ମାଆ, ପୁତ୍ର ସନ୍ତାନକୁ ଦେଲେ ଜନ୍ମ



ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଏବଂ ଚଳଚ୍ଚିତ୍ର ନିର୍ମାତା ରାଜ ନିଡିମୋରୁଙ୍କ ଜୀବନରେ ଖୁସିର ମୁହୂର୍ତ୍ତ ଆସି ପହଞ୍ଚିଛି। ଏହି ଦମ୍ପତି ପିତାମାତା ହେବାର ସୌଭାଗ୍ୟ ପାଇଛନ୍ତି।। ୧୯ ନଭେମ୍ବର, ୨୦୨୬ରେ ସାମନ୍ଥା ଏବଂ ରାଜ ଏକ ପୁତ୍ର ସନ୍ତାନକୁ ସ୍ୱାଗତ କରିଛନ୍ତି। ସେମାନେ ସୋସିଆଲ ମିଡିଆ ମାଧ୍ୟମରେ ନିଜ ପ୍ରଶଂସକଙ୍କ ସହ ଏହି ଖୁସି ଖବର ବାଣ୍ଟିଛନ୍ତି, ଯେଉଁଥିରେ ସେମାନେ ନିଜ ପୁତ୍ରର ପ୍ରଥମ ଝଲକ ଦେଖାଇବା ସହ ତା'ର ନାମ ମଧ୍ୟ ଘୋଷଣା କରିଛନ୍ତି। ସାମନ୍ଥା ଏବଂ ରାଜ ଇନଷ୍ଟାଗ୍ରାମରେ ନିଜ ପୁତ୍ରର ପ୍ରଥମ ଫଟୋ ସେୟାର କରିଛନ୍ତି। ଏହି ଫଟୋରେ ଦମ୍ପତି ନିଜ ଶିଶୁର ଛୋଟ ହାତକୁ ଧରିଥିବାର ଦେଖିବାକୁ ମିଳୁଛି। ଯଦିଓ ସେମାନେ ଏପର୍ଯ୍ୟନ୍ତ ଶିଶୁର ମୁହଁ ଦେଖାଇ ନାହାନ୍ତି, ତଥାପି ସେମାନେ ତା'ର ନାମ ଦେବ ନିଡିମୋରୁ ଦେଇଥିବା ସମସ୍ତଙ୍କୁ ଜଣାଇଛନ୍ତି। ଫଟୋ ସହିତ ଦମ୍ପତି ପୋଷ୍ଟ ଲେଖିଛନ୍ତି: 'ଆମର ପ୍ରିୟ ପୁତ୍ର, ଦେବ ନିଡିମୋରୁ, ୧୯.୧୧.୨୦୨୬। ଆମ ହୃଦୟ ଆଜି ଅତ୍ୟଧିକ ଖୁସିରେ ଭରିଯାଇଛି। ସାମନ୍ଥା ଏବଂ ରାଜ।' ଏହି ପୋଷ୍ଟ ପରେ, ପ୍ରଶଂସକ ଏବଂ ଚଳଚ୍ଚିତ୍ର ଜଗତର ଅନ୍ୟ କଳାକାରମାନେ ଷ୍ଟାର ଦମ୍ପତିଙ୍କୁ ପିତାମାତା ହେବା ନେଇ ଅଭିନନ୍ଦନ ଜଣାଉଛନ୍ତି।ସାମନ୍ଥା ଏବଂ ରାଜ ପିତାମାତା ହେବା ଖବର ପାଇବା ପରେ ପ୍ରଶଂସକମାନେ ସେମାନଙ୍କୁ ଅଭିନନ୍ଦନ ଜଣାଉଛନ୍ତି। ଅନନ୍ୟା ପାଣ୍ଡେ, ନୟନତାରା ଏବଂ ତମନ୍ନା ଭାଟିଆଙ୍କ ସମେତ ଅନେକ ତାରକା ମଧ୍ୟ ସୋସିଆଲ ମିଡିଆ ମାଧ୍ୟମରେ ନିଜର ଶୁଭେଚ୍ଛା ଜଣାଇଛନ୍ତି।ସାମନ୍ଥା ଏବଂ ରାଜ ୨୦୨୬ ଜୁନ୍ ମାସରେ ସେମାନଙ୍କ ଗର୍ଭଧାରଣର ଖବର ନିଶ୍ଚିତ କରିଥିଲେ। ସେବେଠାରୁ, ପ୍ରଶଂସକମାନେ ଏହି ଦମ୍ପତିଙ୍କ ସନ୍ତାନର ଆଗମନକୁ ଉତ୍ସାହର ସହ ଅପେକ୍ଷା କରିଥିଲେ।

ଖାଆନ୍ତୁ ପଦ୍ମନାଡ଼



ପଦ୍ମ ଫୁଲ ସମସ୍ତଙ୍କର ପସନ୍ଦ । ପଦ୍ମ ଫୁଲ ମାଆ ଲକ୍ଷ୍ମୀଙ୍କ ପାଖରେ ଲାଗେ ଏବଂ ପୂଜା ପର୍ବାଣୀରେ ଲାଗେ । ପୂଜା ପାଇଁ ଫୁଲକୁ ରଖି ଆମେ ପଦ୍ମର ନାଡ ଫିଙ୍ଗି ଦେଉ । ହେଲେ ଆପଣ ଜାଣନ୍ତି କି ଶରୀର ପାଇଁ ଏହି ନାଡ କେତେ ଜରୁରୀ । ପଦ୍ମର ନାଡ ଔଷଧ ପରି କାମ କରେ।ଖାଆନ୍ତୁ ପଦ୍ମନାଡ଼ ଶରୀରରେ ବୃଦ୍ଧି ପାଉଥିବା ଓଜନକୁ କମାଏ। ପଦ୍ମନାଡ ଅଧିକ ସମୟ ଯାଏଁ ଭୋକ କରାଏ ନାହିଁ, ପେଟ ପୂରା ରଖିଥାଏ ତେଣୁ ଅଧିକ ଖାଇବାର ଆବଶ୍ୟକ ପଡେନି ତେଣୁ ଓଜନ ବଢିବାର ଆଶଙ୍କା ନଥାଏ ।ପଦ୍ମନାଡ ଶରୀରରେ ପାଚନ ପ୍ରକ୍ରିୟାକୁ ଭଲ ରଖିଥାଏ । ଏଥିରେ ଥିବା ଫାଇବର କୋଷ୍ଠକାଠିନ୍ୟ ଏବଂ ପେଟଫୁଲା ସମସ୍ୟାରୁ ମୁକ୍ତି ଦିଏ ।ପଦ୍ମନାଡ ନିୟମିତ ଖାଇବା ଦ୍ୱାରା ଶରୀରରେ ରକ୍ତର ଅଭାବ ଦୂର ହୁଏ । ବ୍ଲଡରେ ସୁଗାର ସହ କୋଲେଷ୍ଟଲକୁ ନିୟନ୍ତ୍ରଣ ରଖେ ପଦ୍ମନାଡ । ଲିଭର, କିଡନୀ ସମସ୍ୟାର ଔଷଧ ରୂପେ ପଦ୍ମନାଡକୁ ସେବନ କରିହେବ।

ଶରୀରର ହାଡ଼କୁ ମଜବୁତ କରିବ ୩ଟି ଡ୍ରାଇ ଫ୍ରୁଟ୍

ଜଣେ ଯଦି ଆପଣଙ୍କୁ ପଚାରେ- ଭାଇ ! କେମିତି ଅଛୁ... ? ଆପଣ ହଁ ଭଲ ଅଛି ବୋଲି ଲମ୍ବେଇକି କୁହନ୍ତି। ଖୁସି କେବେ କେବେ ଉତ୍ସାହିତ ହୋଇ କୁହନ୍ତି ତ ପୁଣି କେତେବେଳେ ଉଦାସ ହୋଇ କୁହନ୍ତି । ମାତ୍ର ମଣିଷ ସେତେବେଳେ ଭଲ ଅଛି ବୋଲି ଭଲରେ କୁହେ ଯେତେବେଳେ ତା ଦେହ ଭଲ ଥାଏ, ସିଏ ସୁସ୍ଥ ରୁହେ। ଶରୀର ଠିକ୍ ଥିଲେ ସବୁକିଛି ଠିକ୍ ଥାଏ ।ତେବେ କେବେକେବେ ଆମ ଶରୀରରେ ମାନ୍ଦାପଣ ମାଡିବସେ, ଗୋଡ ହାତ ଝିମାପଣ ଘାରେ, ହାଡ ଦୁର୍ବଳ ହେବା ପରି ଲାଗେ, ଉଠିଲେ ବସିଲେ ହାଡ ଶବ୍ଦ କରେ ତେବେ ଯଦି ଆପଣ ଏସବୁ ସମସ୍ୟାର ସମ୍ମୁଖୀନ ତେବେ ଏହି ୩ଟି ଡ୍ରାଇ ଫ୍ରୁଟ୍ ଖାଆନ୍ତୁ, ଦେଖିବେ ଦେହରେ





ଚମତ୍କାରିତା ଦେଖାଦେବ । ଶରୀରରେ ଭିଟାମିନ ବି-୧୨ କମିଲେ ଆନିମିଆ ଭଳି ସମସ୍ୟା ଦେଖାଦିଏ ।ଦୃଷ୍ଟିଶକ୍ତି କମ୍ ହୁଏ, ପାଚନକ୍ରିୟାରେ ସମସ୍ୟା ହୁଏ, ଗୋଡ-ହାତ ଝିମଝିମ ପଡିବା ଭଳି ସମସ୍ୟା ଦେଖାଦିଏ । ଆଉ ଯଦି ଆପଣ ଜଣେ ସାକାହାରୀ ପ୍ରାଣୀ ତେବେ ଡାଏଟରେ ୩ ପ୍ରକାର ଡ୍ରାଇ ଫ୍ରୁଟ୍ ସାମିଲ କରନ୍ତୁ ।ଶରୀରରେ ଭିଟାମିନ ବି-୧୨ ବଢାଇବା ପାଇଁ ପିସ୍ତା ବହୁତ ଭଲ କାମ କରେ ।ଶରୀରରେ ଶକ୍ତି ଏବଂ ଲାଲ୍ ରକ୍ତ କଣିକା ବଢାଇବାର ଏକ ଭଲ ଉତ୍ସ । ଖଜୁରୀ ଶରୀର ପାଇଁ ବହୁତ ଭଲ ହୋଇଥାଏ । ଯଦି ଆପଣ ପ୍ରତିଦିନ ଖଜୁରୀ ଖାଇବା ଆରମ୍ଭ କରୁଛନ୍ତି ତେବେ ଭିଟାମିନ୍ ବି-୧୨ର ଅଭାବକୁ ଦୂର କରିବା ପାଇଁ ଶକ୍ତି ମିଳିବ । ଅଞ୍ଜିରରେ ଫାଇବର, ଆଇରନ, କ୍ୟାଲସିୟମ ଏବଂ ଆଣ୍ଟିଅକ୍ସିଡେଣ୍ଟସ ସହ ଭିଟାମିନ ବି-୧୨ର ମାତ୍ରା ମଧ୍ୟ ଥାଏ ।

ନିରାମିଶାଷୀ ଡାଏଟରେ ସାମିଲ କରିପାରିବେ ଏହି ୯ଟି ଜିନିଷ: ରହିବ ନାହିଁ ପ୍ରୋଟିନ୍‌ର ଅଭାବ

ସୁସ୍ଥ ରହିବା ପାଇଁ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ରଖିବା ଆବଶ୍ୟକ। ସୁସ୍ଥ ରହିବା ପାଇଁ ଡାଏଟରେ ପ୍ରୋଟିନ୍ ଯୁକ୍ତ ଜିନିଷ ସାମିଲ କରିବା ଅତ୍ୟନ୍ତ ଜରୁରୀ ହୋଇଥାଏ। ଶରୀରରେ ପ୍ରୋଟିନର ଅଭାବ ହେଲେ ବିଭିନ୍ନ ପ୍ରକାରର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଜି ଆମେ ଜାଣିବା ନିରାମିଶାଷୀ ଲୋକେ ଡାଇଟରେ କେଉଁ ୯ଟି ଜିନିଷ ସାମିଲ କରିବା ଉଚିତ୍।



■ ବିନ୍ସ : ନିରାମିଶାଷୀ ଲୋକଙ୍କୁ ଡାଇଟରେ ବିନ୍ସକୁ ସାମିଲ କରିବା ଉଚିତ୍। ବିନ୍ସରେ ଫାଇବର ଏବଂ ପ୍ରୋଟିନ୍ ପ୍ରଚୁର ମାତ୍ରାରେ ଥାଏ ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ଏକ କପ୍ ବିନ୍ସରେ ପାଖାପାଖି ୨୫.୮ଗ୍ରାମ୍ ପ୍ରୋଟିନ୍ ଥାଏ। ଆପଣ ସାଲାଡ ଭାବେ ମଧ୍ୟ ବିନ୍ ଖାଇ ପାରିବେ।

■ ଡାଲି : ଡାଲି ସ୍ୱାସ୍ଥ୍ୟ ପାଇଁ ଅଧିକ ଲାଭଦାୟକ ହୋଇଥାଏ। ଡାଲିରେ ପ୍ରୋଟିନ୍ ପ୍ରଚୁର ମାତ୍ରାରେ ଥାଏ। ସୁସ୍ଥ ରହିବା ପାଇଁ ଡାଇଟରେ ଡାଲିକୁ ସାମିଲ କରିବା ଉଚିତ୍। ଏକ କପ୍ ଡାଲିରେ ପାଖାପାଖି ୧୮ଗ୍ରାମ୍ ପ୍ରୋଟିନ୍ ମିଳିଥାଏ। ଆପଣ ଡାଲିକୁ ସୁପ୍ ଭାବେ ସେବନ କରିପାରିବେ।

■ ଡ୍ରାଇ ଫ୍ରୁଟସ୍ : ଡ୍ରାଇ ଫ୍ରୁଟସ୍ ସ୍ୱାସ୍ଥ୍ୟ ପାଇଁ ଯଥେଷ୍ଟ ଲାଭଦାୟକ ହୋଇଥାଏ। ନିରାମିଶାଷୀ ଲୋକଙ୍କୁ ଡାଇଟରେ ଡ୍ରାଇ ଫ୍ରୁଟସ୍ ସାମିଲ କରିବା ଉଚିତ୍। ପ୍ରତିଦିନ ଡ୍ରାଇ ଫ୍ରୁଟସ୍ ସେବନ କରିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ।

■ ସବୁଜ ପନିପରିବା : ନିରାମିଶାଷୀ ଲୋକଙ୍କୁ ଡାଇଟରେ ସବୁଜ ପନିପରିବାକୁ ସାମିଲ କରିବା ଉଚିତ୍। ସବୁଜ ପନିପରିବା ସବୁଜ ପରିବା ସ୍ୱାସ୍ଥ୍ୟ ପାଇଁ ଅଧିକ ଲାଭଦାୟକ ରହିଥାଏ।

■ ସୋୟା ମିଲ୍କ : ସୋୟା ମିଲ୍କ ସେବନ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଥାଏ। ସୋୟା ମିଲ୍କରେ ପ୍ରୋଟିନ୍ ପ୍ରଚୁର ମାତ୍ରାରେ ଥାଏ।

■ ପନିର : ନିରାମିଶାଷୀ ଲୋକଙ୍କୁ ପନିର ସେବନ କରିବା ଉଚିତ୍। ପନିର ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ସାଧାରଣତଃ ପନିର ସମସ୍ତଙ୍କୁ ପସନ୍ଦ ହୋଇଥାଏ। ସ୍ୱାଦ ସହ ପନିର ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ।

■ ବ୍ରୋକୋଲି : ବ୍ରୋକୋଲିରେ ପ୍ରଚୁର ମାତ୍ରାରେ ପ୍ରୋଟିନ୍ ରହିଥାଏ। ବ୍ରୋକୋଲି ଖାଇବା ଦ୍ୱାରା ଶରୀରରେ ପ୍ରୋଟିନର ଅଭାବକୁ ଦୂର କରାଯାଇ ପାରିବ। ବ୍ରୋକୋଲି ସେବନ କରିବା ଦ୍ୱାରା ଓଜନ ମଧ୍ୟ ନିୟନ୍ତ୍ରିତ ରହିଥାଏ।

■ ଓଟ୍ସ : ଓଟ୍ସର ସେବନ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ। ଓଟ୍ସରେ ମଧ୍ୟ ପ୍ରଚୁର ମାତ୍ରାରେ ପ୍ରୋଟିନ୍ ରହିଥାଏ। ରୋଗମୁକ୍ତ ଏବଂ ସୁସ୍ଥ ରହିବା ପାଇଁ ଆପଣ ଜଳଖିଆରେ ଓଟ୍ସକୁ ସାମିଲ କରି ପାରିବେ।

■ କଖାରୁ ମଞ୍ଜି : କଖାରୁ ମଞ୍ଜି ସ୍ୱାସ୍ଥ୍ୟ ପାଇଁ ଅଧିକ ଲାଭଦାୟକ ହୋଇଥାଏ। କଖାରୁ ମଞ୍ଜିରେ ଅଧିକ ମାତ୍ରାରେ ପ୍ରୋଟିନ୍ ରହିଥାଏ। ଆପଣ ମସଲା ସହ ଭାଜି କଖାରୁ ମଞ୍ଜି ସେବନ କରି ପାରିବେ।

ପାଦର ସୌନ୍ଦର୍ଯ୍ୟ ପାଇଁ ଚପଲ

ସାଧାରଣତଃ ମୁହଁ ସହ ନିଜ ପୋଷାକ ଓ ଜୋତା ଚପଲ ଉପରେ ମଧ୍ୟରେ ଧ୍ୟାନ ଦେବା ଦ୍ୱାରା ଆପଣ ଅଧିକ ସୁନ୍ଦର ଓ ଷ୍ଟାଇଲିସ ଲାଗିବେ। ଆସନ୍ତୁ ଅଳ୍ପ ମୂଲ୍ୟରେ କେଉଁ ପ୍ରକାରର ଚପଲ



ପିନ୍ଧି ଆପଣ ନିଜର ଓ ପାଦର ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ।

କାଜୁଆଲ ସ୍ୟାଣ୍ଡଲ -
ଆପଣ ବାହାରକୁ ବୁଲିବାକୁ ଯାଆନ୍ତୁ କିୟା କୌଣସି ସାମଗ୍ରୀ କିଣିବାକୁ ଯାଆନ୍ତୁ, ଏହି ପ୍ରକାରର ଚପଲ ପିନ୍ଧିପାରିବେ। ଏହି ପ୍ରକାରର ଚପଲ ବିଶେଷ କରି ଆପଣ ଖରାସମୟରେ ବାହାରକୁ ଗଲେ ବ୍ୟବହାର କରିବା ଖୁବ ଉତ୍ତମ ଅଟେ। କାରଣ ଏହା ପାଦରୁ ନିର୍ଗତ ହେଉଥିବା ଝାଳକୁ ଶୋଷଣ କରିବା ସହ ଆପଣଙ୍କୁ ଆରାମ ମଧ୍ୟ ଲାଗିଥାଏ।

ଫ୍ୟାନ୍ସି ଜୁତୀ -
ଏହି ପ୍ରକାରର ଜୁତୀ ଆପଣ ଜିନ୍ସ, ସ୍କର୍ଟ, ଗାଉନ ସହ ପିନ୍ଧି ବିଭିନ୍ନ ସ୍ଥାନକୁ ଯାଇପାରିବେ। ଏହା ଆପଣଙ୍କ ପାଦକୁ ଖୁବ ସୁନ୍ଦର ଓ ଷ୍ଟାଇଲିସ କରିଥାଏ।

ରାଜସ୍ଥାନୀ ଜୁତୀ -
ଏହି ପ୍ରକାରର ଜୁତୀର ଖୁବ ଚହିଦା ରହିଛି। ଏହା ପାଦକୁ ଖୁବ ଆରାମ ପ୍ରଦାନ କରିଥାଏ। ପାଦର ସୌନ୍ଦରଯ୍ୟକୁ ବଢାଇଥାଏ।

ଯେକୌଣସି ସ୍ଥାନକୁ ଆପଣ ଏହାକୁ ପିନ୍ଧି ଯାଇପାରିବେ।

ବେଜେସ ହିଲ୍ସ -
କମ ଉଚ୍ଚତା ଝିଅ ମାନଙ୍କ ପାଇଁ ଏହି ଚପଲ ଉତ୍ତମ ଅଟେ। ଏହାର ଦାମ ମଧ୍ୟ ଅଧିକ ନୁହେଁ। ଏହି ଚପଲ ମଧ୍ୟ ଆପଣଙ୍କ ପାଦର ସୌନ୍ଦଯ୍ୟକୁ ବଢାଇଥାଏ।

ପଞ୍ଜାବୀ ଜୁତୀ -
ଏହାକୁ ଆପଣ ଜିନ୍ସ, ଗାଉନ, ସ୍କର୍ଟ ସହ ପିନ୍ଧିପାରିବେ। ଏହା ପାଦକୁ ଏକ ଭିନ୍ନ ଲୁକ ଦେଇଥାଏ।

ନଗରନକ୍ସା
ମହାନଗରର ନିଜ ଭାଷା

ରବିବାର, ୨୨ ନଭେମ୍ବର, ୨୦୨୬

ଜନଜାତି ସାହିତ୍ୟ ଓ ଭାଷାର ସଂରକ୍ଷଣକୁ ଗୁରୁତ୍ୱ

ଭୁବନେଶ୍ୱର, ୨୧।୧୧ (ମହାଭାରତ): ଜନଜାତି ସାହିତ୍ୟ, ଭାଷା ଓ ପାରମ୍ପରିକ ଜ୍ଞାନର ସଂରକ୍ଷଣ ଏବଂ ପ୍ରଚାରପ୍ରସାର ଉପରେ ଓଡିଶାର ରାଜ୍ୟପାଳ ବ୍ରଜମୋହନ ରାମ ଗୁରୁତ୍ୱାରୋପ କରିଛନ୍ତି। ଏହା ଭାରତର ସମୃଦ୍ଧ ଓ ବିବିଧ ସାଂସ୍କୃତିକ ଐତିହ୍ୟର ଅମୂଲ୍ୟ ସମ୍ପଦ ବୋଲି ମଧ୍ୟ କହିଛନ୍ତି। ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପଠାରେ ରବିବାର ଦିନ ଜନଜାତୀୟ ଗୌରବ ଦିବସ ଏବଂ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ପାଳନ ଅବସରରେ ସାହିତ୍ୟ ଅକାଦେମି ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଅଖିଳ ଭାରତୀୟ ଆଦିବାସୀ ଲେଖକ ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଛନ୍ତି ଯେ, ଜନଜାତି ସାହିତ୍ୟରେ ଆଦିବାସୀ ସମାଜର ଇତିହାସ, ପରମ୍ପରା, ଅନୁଭୂତି ଓ ଜୀବନ ଦର୍ଶନ ପ୍ରତିଫଳିତ ହୋଇଥାଏ। ଏହା ଦେଶର ସାହିତ୍ୟିକ ଓ ସାଂସ୍କୃତିକ ପରିସରକୁ ସମୃଦ୍ଧ କରିଥାଏ।

ଲୋକଗୀତ, ଲୋକକଥା ଓ ଜଗତମାଳିମା ମାଧ୍ୟମରେ ଜନଜାତି ସମାଜ ପିଢ଼ି ପରେ ପିଢ଼ି ନିଜର ଇତିହାସ, ସଂସ୍କୃତି ଓ ପାରମ୍ପରିକ ଜ୍ଞାନକୁ ସଂରକ୍ଷିତ କରିଆସିଛି। ଏହି ଐତିହ୍ୟର ଦସ୍ତାବିଜୀକରଣ ଓ ସୁରକ୍ଷା ସମସ୍ତଙ୍କ ସାମୂହିକ ଦାୟିତ୍ୱ ବୋଲି ରାଜ୍ୟପାଳ କହିଥିଲେ। ଭଗବାନ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ରାଜ୍ୟପାଳ କହିଥିଲେ ଯେ, ୨୦୨୧ ମସିହାରୁ ନଭେମ୍ବର ୧୫ ତାରିଖକୁ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରାଯିବା ଜନଜାତି ସମାଜର ଅବଦାନ ଓ ବଳିଦାନକୁ ସ୍ୱୀକୃତି ଦେବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଜନଜାତି ବୀରମାନଙ୍କ ଅବଦାନକୁ ମନେ ନପକାଇଲେ ଦେଶର ସ୍ୱାଧୀନତା ସଂଗ୍ରାମ ଓ ରାଷ୍ଟ୍ର ନିର୍ମାଣର ଇତିହାସ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ। ଓଡ଼ିଶାର ସମୃଦ୍ଧ ଜନଜାତି ଐତିହ୍ୟ ସମ୍ପର୍କରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ପ୍ରତ୍ୟେକ ଜନଜାତି ସମ୍ପ୍ରଦାୟର ନିଜସ୍ୱ ଭାଷା, ଲୋକଗୀତ, ପରମ୍ପରା ଓ ଜୀବନଶୈଳୀ ରହିଛି। ମହେନ୍ଦ୍ରଗିରି ପର୍ବତମାଳା ଓ ପୂର୍ବଘାଟ ଜନଜାତି ଜୀବନ, ଆସ୍ଥା ଓ ପାରମ୍ପରିକ ଜ୍ଞାନର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର। ପ୍ରକୃତି ପୂଜା, ଦାରୁ ଦେବତା ଓ ମହାପ୍ରଭୁ ଜଗନ୍ନାଥଙ୍କ ସହ ଓଡ଼ିଶାର ସାଂସ୍କୃତିକ ପରମ୍ପରାର ଗଭୀର ସମ୍ପର୍କ ରହିଥିବା ରାଜ୍ୟପାଳ ଉଲ୍ଲେଖ କରିଥିଲେ।



ଜନଜାତି ଲେଖକମାନେ ନିଜ ସମାଜର ସଂଘର୍ଷ, ସଫଳତା, ଆକାଂକ୍ଷା ଓ ପରମ୍ପରାକୁ ନିଜସ୍ୱ ଭାଷା ଓ ଦୃଷ୍ଟିକୋଣରେ ଲେଖିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ପ୍ରକୃତି ସହ ଜନଜାତି ସମାଜର ନିବିଡ଼ ସମ୍ପର୍କ ଏବଂ ଜଳ, ଜଙ୍ଗଲ ଓ ଜମି ପ୍ରତି ସେମାନଙ୍କ ସମ୍ମାନ ଜଳବାୟୁ ପରିବର୍ତ୍ତନ ଓ ପରିବେଶଗତ ଆହ୍ୱାନର ମୁକାବିଲା ପାଇଁ ମୂଲ୍ୟବାନ ଶିକ୍ଷା ଦେଇଥାଏ ବୋଲି ରାଜ୍ୟପାଳ କହିଥିଲେ। ଜନଜାତି ଭାଷାରେ ଲେଖା, ଗବେଷଣା, ପ୍ରକାଶନ ଓ ଅନୁବାଦକୁ ପ୍ରୋତ୍ସାହନ ଦେବାକୁ ସାହିତ୍ୟ ଏକାଡେମୀ, ବିଶ୍ୱବିଦ୍ୟାଳୟ, ଗବେଷଣା ସଂସ୍ଥା ଓ ପ୍ରକାଶକମାନଙ୍କୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ଓଡ଼ିଶା, ଝାଡ଼ଖଣ୍ଡ, ଉତ୍ତର-ପୂର୍ବାଂଚଳ ଓ ମଧ୍ୟଭାରତର ଜନଜାତି ସାହିତ୍ୟ ଦେଶ ତଥା ବିଦେଶର ପାଠକଙ୍କ ନିକଟରେ ପହଂଚିବା ଆବଶ୍ୟକ ବୋଲି ସେ କହିଥିଲେ। ୨୦୪୭ ସୁଦ୍ଧା ବିକଶିତ ଭାରତ ଏବଂ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ସମ୍ପର୍କରେ ରାଜ୍ୟପାଳ କହିଥିଲେ ଯେ, ଜନଜାତି ସମାଜକୁ ବିକାଶ ପ୍ରକ୍ରିୟାରେ ସମାନ ଭାଗୀଦାର କରିବା ସହ ସେମାନଙ୍କ ଭାଷା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ହେଲେ ହିଁ ବିକାଶର ପ୍ରକୃତ ଅର୍ଥ ସାକାର ହେବ। ଜନଜାତି ଯୁବପିଢ଼ି ମାତୃଭାଷା ଓ ସାଂସ୍କୃତିକ ମୂଳଦୁଆ ସହ ଯୋଡ଼ି ହୋଇ ରହିବା ସହ ଆଧୁନିକ ଶିକ୍ଷା ଓ ପ୍ରଯୁକ୍ତିବିଦ୍ୟାକୁ ଆପଣାଇବାକୁ ସେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ ଏବଂ ବିଶିଷ୍ଟ ଜନଜାତି ଲେଖକ ଡ. ପି. ଶିବରାମକୃଷ୍ଣ ଉଦ୍‌ବୋଧନ ଦେଇଥିଲେ। ସାହିତ୍ୟ ଅକାଦେମିର ସଚିବ ଡ. ବରୁଣ ଗୁଲାଟି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଆଖୁ ଚାଷର ପୁନରୁଦ୍ଧାର ନେଇ ସମୀକ୍ଷା

ଭୁବନେଶ୍ୱର, ୨୧।୧୧ (ମହାଭାରତ): ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ଆଖୁ ଚାଷର ପୁନରୁଦ୍ଧାର ଓ ସମ୍ପ୍ରସାରଣ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟରେ ଆଖୁ ଚାଷର ବର୍ତ୍ତମାନର ସ୍ଥିତି, ପ୍ରମୁଖ ଆହ୍ୱାନ, ଏବଂ ଭବିଷ୍ୟତର ସମ୍ଭାବନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିସହ ଆଖୁ ଚାଷର ଜମି ପରିମାଣ, ମୋଟ ଉତ୍ପାଦନ, ଉତ୍ପାଦକତା, ଚାଷୀମାନଙ୍କ ଆର୍ଥିକ ଲାଭ-କ୍ଷତି, ଚିନି କଳଗୁଡ଼ିକର କାର୍ଯ୍ୟକ୍ଷମତା ଏବଂ 'ଟେକ୍ନୋଲୋଜି ମିଶନ ଅନ ସୁଗାରକେନ୍ ଡେଭେଲୋପମେଂଟ' ଓ ସମବାୟ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରାଯାଇଥିଲା।

ବୈଠକରେ ଉନ୍ନତମାନର ବିହନ ଆଖୁର ଉପଲବ୍ଧତା ନିଶ୍ଚିତ କରିବା, ଆଧୁନିକ କୃଷି ପ୍ରଣାଳୀକୁ ପ୍ରୋତ୍ସାହିତ କରିବା, ଜଳସେଚନ ଭିତିଭୂମିର ସମ୍ପ୍ରସାରଣ, କୃଷି ଯନ୍ତ୍ରପାତିର ବ୍ୟବହାର, ଚାଷୀ ଓ ଚିନି କଳ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା ଏବଂ ଓଡ଼ିଶା ଆଖୁ ଚାଷୀ ସଂଘ ଦ୍ୱାରା ଉତ୍ଥାପିତ ଅତିରିକ୍ତ ଆର୍ଥିକ ସହାୟତା ଓ ଲାଭଦାୟକ ମୂଲ୍ୟ ପ୍ରଦାନ ସମ୍ବନ୍ଧୀୟ ଦାବିଗୁଡ଼ିକର ପରୀକ୍ଷା-ନିରୀକ୍ଷା ନେଇ ରଣନୀତି ନିର୍ଦ୍ଧାରଣ କରାଯାଇଥିଲା। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, ସମବାୟ ବିଭାଗର କମିଶନର-ତଥା-ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡଃ ପୋମା ଟୁଡୁ, ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବିଭାଗୀୟ ସମନ୍ୱୟ ଏବଂ ଉଦ୍ୟୋଗୀମାନଙ୍କ ମିଳିତ ସହଯୋଗରେ ଆଖୁ ଚାଷକୁ ଅଧିକ ଲାଭଦାୟକ, ସ୍ଥାୟୀ ଏବଂ ଓଡ଼ିଶା କୃଷି ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ଗଢ଼ିତୋଳିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

ଭିଏମ୍‌ଏଲ୍ ପକ୍ଷରୁ କର୍କଟ ଚିହ୍ନଟ ଶିବିର

ଭୁବନେଶ୍ୱର, ୨୧।୧୧ (ମହାଭାରତ): ଗୋଷ୍ଠୀ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଏବଂ ପ୍ରତିଷେଧକ ସ୍ୱାସ୍ଥ୍ୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରି ବେଦାନ୍ତ ଆଲୁମିନିୟମ ରାୟଗଡ଼ା, କାଶିପୁର, ଭବାନୀପାଟଣା, ଏବଂ ଥୁଆମୂଳ ରାମପୁର ଏବଂ ଏହାର ଆଖପାଖ ଅଞ୍ଚଳ ସମେତ ଏହାର ସିଜିମାଳି ବକ୍ସାଇଟ୍ ଖଣି ଆଖପାଖର ପ୍ରମୁଖ ସ୍ଥାନରେ ଚାରି ଦିନିଆ କର୍କଟ ଚିହ୍ନଟ ଶିବିର ଆୟୋଜନ କରିଥିଲା, ଯେଉଁଥିରେ ୧୭ଟି ଗାଁର ଲୋକେ ସାମିଲ ହୋଇଥିଲେ। ଏହି ପଦକ୍ଷେପ ୩୫୦ ରୁ ଅଧିକ ସମ୍ପ୍ରଦାୟ ସଦସ୍ୟଙ୍କୁ ଉପକୃତ କରିଥିଲା, ସେମାନଙ୍କୁ ମାଗଣା କର୍କଟ ଚିହ୍ନଟ ସୁବିଧା ସହ ସ୍ୱାସ୍ଥ୍ୟ ସଚେତନତା ଅଧିବେଶନର ସୁବିଧା ମଧ୍ୟ ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମ ରାୟଗଡ଼ାରେ ଆରମ୍ଭ ହୋଇଥିଲା, ଯେଉଁଠାରେ ରାୟଗଡ଼ାର ସିଡିଏମ୍ ଏବଂ ପିଏଚ୍‌ଓ ଡାକ୍ତର ବିଶ୍ୱମ୍ଭର ବେହେରା, ଡିଏଚ୍‌ଏଚ୍ ରାୟଗଡ଼ାର ଏଡିଏମ୍‌ଓ ଡାକ୍ତର ସ୍ମିତା ପଟ୍ଟନାୟକ ଏବଂ ଡିଏଚ୍‌ଏଚ୍ ରାୟଗଡ଼ାର ହସ୍ପିଟାଲ୍ ମ୍ୟାନେଜର୍ ଶ୍ରୀ ଭରତ ଭୂଷଣ ବରାଳଙ୍କ ଉପସ୍ଥିତିରେ ଏହାର ଉଦ୍ଘାଟନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟଟି ନଭେମ୍ବର ୧୨ ତାରିଖରେ କାଶିପୁର ଠାରେ ଅନୁଷ୍ଠିତ ହୋଇଥିଲା, ଯାହାକୁ ସିଏଚସି କାଶିପୁରର ଅଧିକାରୀମାନଙ୍କ ଉପସ୍ଥିତିରେ କାଶିପୁର ବ୍ଲକ ଅଧକ୍ଷ ଶ୍ରୀ କାନ୍ତେଶ୍ୱର ମାଝୀ ଉଦ୍ଘାଟନ କରିଥିଲେ। ଭବାନୀପାଟଣାରେ ଏକ ଶିବିରର ଆୟୋଜନ କରାଯାଇଥିଲା, ଯେଉଁଥିରେ କଳାହାଣ୍ଡି ସିଡିଏମ୍ ଏବଂ ପିଏଚ୍‌ଓ ଡାକ୍ତର ହରେକୃଷ୍ଣ ଶତପଥୀ, ଡିଏଚ୍‌ଏଚ୍ କାଲାହାଣ୍ଡି ଏଡିଏମ୍‌ଓ ଡାକ୍ତର ବାଣିଶ୍ରୀ ପାଢ଼ୀ ଏବଂ ଡିଏଚ୍‌ଏଚ୍ କଳାହାଣ୍ଡି ହସ୍ପିଟାଲ୍ ମ୍ୟାନେଜର ଅଭିରାମ ସାହୁଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ। ନଭେମ୍ବର ୧୪ ରେ କର୍କଟ ଚିହ୍ନଟ ଅଭିଯାନ ଶେଷ ପର୍ଯ୍ୟାୟରେ ଥୁଆମୂଳ ରାମପୁରରେ ଅନୁଷ୍ଠିତ ହୋଇଥିଲା, ଯାହାକୁ ଡାକ୍ତର ପ୍ରଦୋଷ କୁମାର ପାଣ୍ଡା, ଏମଓଆଇସି, ଥୁଆମୂଳ ରାମପୁର, ଶ୍ରୀ ପ୍ରଶାନ୍ତ କୋଲାକାସ, ଆଇଆଇସି, ଥୁଆମୂଳ ରାମପୁର ଏବଂ ସ୍ୱାସ୍ଥ୍ୟସେବା ଅଧିକାରୀଙ୍କ ଉପସ୍ଥିତିରେ ଉଦ୍ଘାଟନ କରିଥିଲେ।

କିଟ୍‌ରେ ଅନ୍ତର୍ଜାତୀୟ ଆଇନ ସମ୍ମିଳନୀ

ଭୁବନେଶ୍ୱର, ୨୧।୧୧ (ମହାଭାରତ): କିଟ୍ ଲ' ସ୍କୁଲ୍ ପକ୍ଷରୁ ଶନିବାର 'ବିଶ୍ୱଶାନ୍ତି ପ୍ରତି ଇଣ୍ଟରନ୍ୟାସ୍‌ନାଲ୍ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)ର ଅବଦାନ' ଶୀର୍ଷକ ଅନ୍ତର୍ଜାତୀୟ ଆଇନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଇଣ୍ଟରନ୍ୟାସନାଲ୍ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)ର ପ୍ରେସିଡେଣ୍ଟ ଜଜ୍ ୟୁଜି ଇଓ୍ୱାସାଓ୍ୱା, ଜଜ୍ ଲିଓନାର୍ଡୋ ନେମର କାଲଡେରା ବ୍ରାଣ୍ଟ ଏବଂ ଜଜ୍ ବୋଗଦାନ-ଲୁସିଆନ୍ ଅରେସ୍କୁ ଯୋଗ ଦେଇଥିଲେ। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ଅଶୋକ କୁମାର ପରିଜା, କୁଳପତି ପ୍ରଫେସର ସରଣଜିତ ସିଂହ, ଏମେରିଟସ୍ ପ୍ରଫେସର ଏନ୍.ଏଲ୍. ମିତ୍ର, ଉପକୁଳପତି ପ୍ରଫେସର ରାକୁ କେ.ଡି.ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ ଉପରେ ଆଲୋକପାତ କରି ନ୍ୟାୟମୂର୍ତ୍ତି ୟୁଜି ଇଓ୍ୱାସାଓ୍ୱା କହିଲେ, ବିଶ୍ୱଶାନ୍ତି ପ୍ରତି ଅନ୍ତର୍ଜାତୀୟ ନ୍ୟାୟାଳୟର ଅବଦାନର ମୂଳ ଆଧାର ହେଉଛି ବଳ ପ୍ରୟୋଗ ପରିବର୍ତ୍ତେ ଅନ୍ତର୍ଜାତୀୟ ଆଇନ ଅନୁସାରେ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଥିବା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ। ମିଳିତ ଜାତିସଂଘ ଚାର୍ଟର ଅନୁଯାୟୀ ପ୍ରତିଷ୍ଠିତ ଆଇସିଜେ ଆଇନଗତ ବିବାଦର ସମାଧାନ ପାଇଁ ଏକ ସ୍ୱାଧୀନ ଓ ନିରପେକ୍ଷ ମଞ୍ଚ ପ୍ରଦାନ କରୁଛି। ନ୍ୟାୟ, ଆଲୋଚନା ଏବଂ ଅନ୍ତର୍ଜାତୀୟ ଆଇନଗତ ଦାୟିତ୍ୱ ପ୍ରତି ସମ୍ମାନକୁ ସୁଦୃଢ଼ କରି ଆଇସିଜେ ବିଭିନ୍ନ ରାଷ୍ଟ୍ର ମଧ୍ୟରେ ଶାନ୍ତିପୂର୍ଣ୍ଣ ସଂପର୍କକୁ ପ୍ରୋତ୍ସାହିତ କରିଥାଏ। ଆଇସିଜେର ରାୟକୁ ସମ୍ମାନ ଦେବା ଓ କାର୍ଯ୍ୟକାରୀ କରିବା ସଂପୃକ୍ତ ରାଷ୍ଟ୍ରଗୁଡ଼ିକର ଦାୟିତ୍ୱ ବୋଲି ସେ କହିଥିଲେ।



ନ୍ୟାୟମୂର୍ତ୍ତି ଲିଓନାର୍ଡୋ ନେମର କାଲଡେରା ବ୍ରାଣ୍ଟ 'ଅନ୍ତର୍ଜାତୀୟ ଆଇନର ଉଦୀୟମାନ ଦିଗ, ମାନବାଧିକାର, ପରିବେଶ ସୁରକ୍ଷା ଓ ବୈଶ୍ୱିକ ଦାୟିତ୍ୱବୋଧ' ଉପରେ ଆଲୋକପାତ କରିଥିଲେ। ସେ କହିଲେ, ଅନ୍ତର୍ଜାତୀୟ ଆଇନର ପରିବର୍ତ୍ତିତ ଭୂମିକା ଏବେ କେବଳ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସୁନିଶ୍ଚିତ କରିବାରେ ସୀମିତ ନାହିଁ। ବରଂ ବହୁପକ୍ଷୀୟ ସହଯୋଗ, ମାନବାଧିକାର, ପରିବେଶ ସୁରକ୍ଷା ଓ ବୈଶ୍ୱିକ ଦାୟିତ୍ୱବୋଧକୁ ମଧ୍ୟ ଏହା ଗୁରୁତ୍ୱ ଦେଉଛି। ଏହି ପରିବର୍ତ୍ତନରେ ଅନ୍ତର୍ଜାତୀୟ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଭାବେ ଉଭା ହୋଇ ଅନ୍ତର୍ଜାତୀୟ ଆଇନ ବ୍ୟବସ୍ଥାର ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ସେ କହିଥିଲେ।

ନ୍ୟାୟମୂର୍ତ୍ତି ବୋଗଦାନ-ଲୁସିଆନ୍ ଅରେସ୍କୁ ସମୁଦ୍ର ଜଳସ୍ତର ବୃଦ୍ଧି ଯୋଗୁଁ ସୃଷ୍ଟି ହେଉଥିବା ଆହ୍ୱାନ ଉପରେ ଆଲୋକପାତ କରି କହିଲେ, ସମୁଦ୍ର ଜଳସ୍ତର ବୃଦ୍ଧି ଯୋଗୁଁ ଭାରତର ଦୀର୍ଘ ଉପକୂଳ ବିଶେଷଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହା ଉପକୂଳବର୍ତ୍ତୀ ସହର, ଦ୍ୱୀପାଞ୍ଚଳ ଏବଂ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଜୀବିକା ପ୍ରତି ବିପଦ ସୃଷ୍ଟି କରୁଛି। ମୁମ୍ବାଇ, କୋଲକାତା, ଚେନ୍ନାଇ ଓ ବିଶାଖାପାଟଣା ଭଳି ସହରରେ ଉପକୂଳ ବନ୍ୟା, ଭୂକ୍ଷୟ ଓ ଜନବିସ୍ଥାପନର ଆଶଙ୍କା ବଢୁଥିବାବେଳେ ଲକ୍ଷଦ୍ୱୀପ ଏବଂ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜ ମଧ୍ୟ ଗୁରୁତର ପରିବେଶଗତ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଅନ୍ତର୍ଜାତୀୟ ଆଇନ ଆୟୋଗ ଏବଂ ଅନ୍ତର୍ଜାତୀୟ ନ୍ୟାୟାଳୟ ସାମୁଦ୍ରିକ ସୀମାର ସୁରକ୍ଷା, ରାଷ୍ଟ୍ରର ସାର୍ବଭୌମତ୍ୱ ଓ ନିରନ୍ତର ଅସ୍ତିତ୍ୱ ସହ ପ୍ରଭାବିତ ଜନସାଧାରଣଙ୍କ ମାନବାଧିକାର ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି।

ଜନଜାତିଙ୍କ ବିକାଶ ପାଇଁ ମୋଦି ସରକାର ପ୍ରାଧାନ୍ୟ ଦେଉଛନ୍ତି

ଭୁବନେଶ୍ୱର, ୨୧।୧୧ (ମହାଭାରତ): ଶହୀଦ ବିର୍ସା ମୁଣ୍ଡା ୨୫ବର୍ଷ ବୟସରେ ହିଁ ଭାରତର ସ୍ୱାଧୀନତା ସଂଗ୍ରାମରେ ନୂଆଫର୍ଦ୍ଦ ଯୋଡି ଥିଲେ । ୧୮୫୭ମସିହା ନଭେମ୍ବର ୧୫ତାରିଖରେ ଝାଡଖଣ୍ଡର ରାଂଚି ଜିଲ୍ଲାର ଉଲିହାତୁ ଗାଁରେ ମୁଣ୍ଡା ଜନଜାତିରେ ବିର୍ସା ମୁଣ୍ଡା ଜନ୍ମ ଗ୍ରହଣ କରିଥିଲେ । ୧୮୯୪ରେ ଶ୍ରୀ ମୁଣ୍ଡା ଦୁର୍ଭିକ୍ଷ ଏବଂ ମହାମାରୀ ପରେ ବ୍ରିଟିଶଙ୍କୁ ଜନତାଙ୍କ ଉପରୁ କର ଛାଡ ପାଇଁ ଆନ୍ଦୋଳନ କରିଥିଲେ । ୧୮୯୭ ରୁ ୧୯୦୦ ମସିହା ମଧ୍ୟରେ ଶ୍ରୀ ମୁଣ୍ଡା ବ୍ରିଟିଶ ସହ ଲଢ଼େଇ କରିଥିଲେ । ଉନ୍ନବିଂଶ ଶତାବ୍ଦୀରେ ଦେଶରେ ଇଂରେଜ ଶାସନ କାଳରେ ଜମିଦାର, ଜାଗିରଦାର ଓ ରାଜସ୍ୱ ସମ୍ପାଦକ ଜନଜାତି ଲୋକଙ୍କ ଉପରେ ଅତ୍ୟାଚାର କରୁଥିଲେ । ଏହି ଅତ୍ୟାଚାର ବିରୁଦ୍ଧରେ ଜଣେ ଯୋଦ୍ଧାଭାବେ ଲଢ଼େଇ କରି ଅଦମ୍ୟ ସାହସ ଓ ପ୍ରଶଂସନୀୟ ଉତ୍ସାହର ମୂର୍ତ୍ତିମନ୍ତ ପ୍ରତୀକ ପାଲଟିଥିଲେ । ଆଦିବାସୀ ଓ ଜନଜାତିଙ୍କ କଲ୍ୟାଣ ପାଇଁ ବିର୍ସା ମୁଣ୍ଡାଙ୍କ ଅନ୍ତର ନିରନ୍ତର କାନ୍ଦୁଥିଲା । ବିର୍ସା ମୁଣ୍ଡା ଝାଡଖଣ୍ଡର ସ୍ୱାଧୀନତା ସଂଗ୍ରାମୀଙ୍କୁ ଏକାଠି କରି ବିପ୍ଳବ ଆରମ୍ଭ କରିଥିଲେ । ଇଂରେଜ ଶାସନ, କୁସଂସ୍କାର, ଅନ୍ଧବିଶ୍ୱାସ ଓ କ୍ରୀତଦାସ ପ୍ରଥା ବିରୁଦ୍ଧରେ ଜଣେ ଯୋଦ୍ଧାଭାବେ ଲଢ଼େଇ କରି ଅଦମ୍ୟ ସାହସ ଓ ପ୍ରଶଂସନୀୟ ଉତ୍ସାହର ମୂର୍ତ୍ତିମନ୍ତ ପ୍ରତୀକ ପାଲଟିଥିଲେ । ଆଦିବାସୀ ଓ ଜନଜାତିଙ୍କ କଲ୍ୟାଣ ପାଇଁ ବିର୍ସା ମୁଣ୍ଡାଙ୍କ ଅନ୍ତର ନିରନ୍ତର କାନ୍ଦୁଥିଲା । ବିର୍ସା ମୁଣ୍ଡା ଦେଶର ସଂସ୍କୃତିର ରକ୍ଷକ ଥିଲେ । ଲୋକଙ୍କୁ ଜଳ, ଜଙ୍ଗଲ ଏବଂ ଜମିର ସୁରକ୍ଷା ପାଇଁ ପ୍ରେରଣା ଯୋଗାଇଥିଲେ କହିଛନ୍ତି । ଜନଜାତି ସମ୍ପ୍ରଦାୟଙ୍କଠାରୁ ଭଗବାନର ଆଖ୍ୟା ପାଇଥିବା ଶହୀଦ ଧରତୀ ଅବା ଭଗବାନ ବିର୍ସା ମୁଣ୍ଡାଙ୍କ ଯେଉଁ ସମାଜର ସ୍ୱାଭିମାନ, ଅଧିକାର ଓ ସମ୍ମାନ ପାଇଁ ସଂଘର୍ଷ କରିଥିଲେ । ସେହି ସମାଜକୁ ବିକାଶର ମୁଖ୍ୟସ୍ରୋତରେ ସମ୍ମାନଜନକ ଭାଗିଦାରୀ ପ୍ରଦାନ କରିବା ଆଜି ଆମର ଜାତୀୟ ଦାୟିତ୍ୱ । ଯଶ୍ୱସୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଜନଜାତି ସମାଜର ସମ୍ମାନ, ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ସାମାଜିକ ଆର୍ଥିକ ବିକାଶକୁ ବିଶେଷ ପ୍ରାଥମିକତା ଦେଇଆସୁଛନ୍ତି। ଭଗବାନ ବିର୍ସା ମୁଣ୍ଡା ପାରମ୍ପରିକ ଜମି ଅଧିକାର, ସାଂସ୍କୃତିକ ତଥା ଧାର୍ମିକ ବିଶ୍ୱାସର ସୁରକ୍ଷା ପାଇଁ ବ୍ରି

ଭାରତକୁ ବିରୋଧ

ଚୀନର ଆର୍ଥିକ ସ୍ଥିତି ଯଥେଷ୍ଟ ସୁଦୃଢ଼। ଏହା ଏକ ବିକଶିତ ରାଷ୍ଟ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ଚୀନର ଭିତ୍ତିଭୂମି ବିଶ୍ୱରେ ଅନନ୍ୟ। କେବଳ କଠୋର ଶୃଙ୍ଖଳା ଏବଂ ଅନୁଶାସନ ବଳରେ ଚୀନ ଆଜି ଏହି ସ୍ଥାନକୁ ଉନ୍ନୀତ ହୋଇଛି। କିନ୍ତୁ ଏତେ ସବୁ ବିକାଶ ସତ୍ତ୍ୱେ ଚୀନର ଜାତୀୟ ଚରିତ୍ରରେ ବିକାଶ ହୋଇପାରିଲା ନାହିଁ। ଚୀନ ଏକ ବିଶାଳ ଏବଂ ଜନବହୁଳ ରାଷ୍ଟ୍ର ହୋଇଥିଲେ ମଧ୍ୟ ଏହା ବିସ୍ତାରବାଦୀ ନୀତିକୁ ପରିତ୍ୟାଗ କରିପାରୁନାହିଁ । ଭାରତ, ନେପାଳ, ତାଇୱାନଠାରୁ ଆରମ୍ଭ କରି ଅନେକ ଦେଶର ଭୌଗଳିକ ସୀମାକୁ ଏହା ବାରମ୍ବାର ଅକ୍ତିଆର କରିବା ପାଇଁ ଉଦ୍ୟମ କରୁଛି। କେବଳ ସ୍ଥଳଭାଗ ନୁହେଁ, ଅନ୍ୟର ଜଳଭାଗକୁ ମଧ୍ୟ ଚୀନ ନିଜର ବୋଲି ଦାବି କରୁଛି। ଏହା ବ୍ୟତିତ ଅନ୍ୟ ଦେଶର ପ୍ରାକୃତିକ ସମ୍ପଦ ବିଶେଷ କରି ଖଣିଜ ସମ୍ପଦକୁ ଚୀନ ଅକ୍ତିଆର କରିବା ପାଇଁ ଉଦ୍ୟମ କରୁଥିବା ବେଳେ ନିଜ ଉତ୍ପାଦିତ ସାମଗ୍ରୀ ଯେପରି ସାରା ବିଶ୍ୱରେ ବିକ୍ରି ହେବ, ସେଥିଲାଗି ହୀନ ଷଡ଼ଯନ୍ତ୍ର କରୁଛି। ଅନ୍ୟ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବା ଏହାର ଏକ ପୁରୁଣା ଅଭ୍ୟାସ। ଆମେରିକାର ପ୍ରଖ୍ୟାତ ଏଆଇ କମ୍ପାନୀ ଏନଭିଡିଆର ସିଇଓ ଜେନସେନ ହୁଆଙ୍ଗ ଚୀନର ଜଣେ ମହିଳା ଗୁପ୍ତଚରଙ୍କ ପ୍ରେମରେ ପଡ଼ି ଏବେ ଅପଦସ୍ତ ହୋଇଛନ୍ତି। ଏଥିଲାଗି ସେ କମ୍ପାନୀର ସିଇଓ ପଦ ହରାଇଛନ୍ତି। ଚୀନର ଜଣେ ସୁନ୍ଦରୀ ମହିଳା ତାଙ୍କୁ ନିଜ ଜାଲରେ ଫସାଇ ଅନେକ ଫାଇଦା ହାସଲ କରିଛନ୍ତି। ଏହା ଫଳରେ ଏନଭିଡିଆର ସାମଗ୍ରୀ ଚୀନକୁ ରପ୍ତାନୀ ହେଉଛି। କମ୍ପାନୀର ଅନେକ ଗୋପନୀୟ ବାଣିଜ୍ୟିକ ତଥ୍ୟ ସମ୍ପୃକ୍ତ ମହିଳା ଜଣକ ଚୀନକୁ ଗୋପନରେ ଦେଇଛନ୍ତି। ଏଥିରେ ଚୀନର କ'ଣ ଲାଭ ହେବ, ଆମେରିକାର କ'ଣ କ୍ଷତି ହେଲା ତାହା ବଡ଼ କଥା ନୁହେଁ। ବଡ଼ କଥା ହେଲା ଚୀନର ଚରିତ୍ର। ଅନ୍ୟର ଘର କଥା ଗୋପନରେ ଜାଣିବା ଏବଂ ତାଙ୍କ ଘରୁ ମୂଲ୍ୟବାନ ସାମଗ୍ରୀ ଚୋରି କରିବା ହେଉଛି ଚୀନର ଚରିତ୍ର। କେବଳ ସେତିକି ନୁହେଁ, ଅନ୍ୟ ରାଷ୍ଟ୍ରର ଭାବମୂର୍ତ୍ତୀ ହାନି କରିବା, ଏହାକୁ ନିଚା ଦେଖାଇବା ଏବଂ ସେ ଦେଶର ବାଣିଜ୍ୟିକ କ୍ଷତି କରିବା ମଧ୍ୟ ଚୀନର ଏକ ପୁରୁଣା ଅଭ୍ୟାସ। ଭାରତ ବିଭିନ୍ନ କ୍ଷେତ୍ରରେ ଚୀନଠାରୁ ପଛରେ ପଡ଼ିଛି ସତ୍ୟ, ମାତ୍ର ଏହା ମଧ୍ୟ ବିକାଶ ପଥରେ ଅଗ୍ରସର ହେଉଛି। ଚୀନ ଏହାକୁ ସହିପାରୁନାହିଁ। ଏଥିପାଇଁ ଚୀନ ବିଶ୍ୱ ଦରବାରରେ ଭାରତର ଛବିକୁ ମଳିନ ପକାଇବା ନିମନ୍ତେ ବରାବର ହୀନ ଉଦ୍ୟମ କରୁଛି। ଏବେ ଏ ସମ୍ପର୍କରେ ଏକ ନୂଆ ସୂଚନା ମିଳିଛି। ଚୀନର କିଛି ବ୍ଲଗର ବାଂଲାଦେଶର କିଛି ଅଞ୍ଚଳକୁ ଭାରତର ରାଜଧାନୀ ଦିଲ୍ଲୀ ବୋଲି ଦର୍ଶାଉଛନ୍ତି। ଢାକାର ଏକ ସଂକୀର୍ଣ୍ଣ , ଅପରିଷ୍କାର ହାଟକୁ ସେମାନେ ଦିଲ୍ଲୀର ମୁଖ୍ୟ ବଜାର ଏବଂ ଏକ ଅପରିଷ୍କାର ନାଳକୁ ସେମାନେ ଗଙ୍ଗା ନଦୀ ବୋଲି ସୋସିଆଲ ମିଡିଆରେ ଚିତ୍ରଣ କରୁଛନ୍ତି। ଜଣେ ଦୁଇ ଜଣ ନୁହଁନ୍ତି, ପ୍ରାୟ ଦେଢ ଶହ ବ୍ଲଗର ଏଭଳି କାର୍ଯ୍ୟରେ ଲାଗିଛନ୍ତି। ସେମାନେ ଯୋଜନାବଦ୍ଧ ଷଡ଼ଯନ୍ତ୍ର କରି ଏଥିଲାଗି ବାଂଲାଦେଶକୁ ଆସିଛନ୍ତି। କେବଳ ଭାରତର ଛବିକୁ ମିଳିନ ପକାଇବା, ଏହାକୁ ଏକ ଅତି ପଛୁଆ ଏବଂ ଗରିବ ଦେଶ ଭାବେ ବିଶ୍ୱରେ ପରିଚିତ କରାଇବା ହେଉଛି ଏହାର ଉଦ୍ଦେଶ୍ୟ। ଭାରତକୁ ଯେପରି ଅଧିକ ପର୍ଯ୍ୟଟକ ଆସିବେ ନାହିଁ, ଭାରତରେ ନିବେଶ ଲାଗି ଶିଳ୍ପ ଓ ବାଣିଜ୍ୟ ଗୋଷ୍ଠୀ ଆଗ୍ରହ ପ୍ରକାଶ କରିବେ ନାହିଁ ଏବଂ ଚୀନକୁ ନଜର ଲକ୍ଷ୍ୟସ୍ଥଳ କରିବେ ସେଥିଲାଗି ଚୀନ ଏଭଳି ଅତି ହୀନ କାର୍ଯ୍ୟ କରୁଛି। ଏହାକୁ ଯେତେ ନିନ୍ଦା କଲେ ମଧ୍ୟ କମ ହେବ। ଏହା ହେଉଚି ଚୀନର ଜାତୀୟ ଚରିତ୍ର। ନିଜେ ବିକଶିତ ହେବାରେ କିଛି ଅସୁବିଧା ନାହିଁ, କିନ୍ତୁ ଅନ୍ୟର ବିକାଶରେ ବାଧା ସୃଷ୍ଟି କରିବା ଏବଂ ଅନ୍ୟକୁ ଛୋଟ କରିବାକୁ ଉଦ୍ୟମ କରିବା ଅତି ନିମ୍ନ ମାନସିକତାର ପରିଚୟ। ଭାରତ ଏହାକୁ ଚାଲେଞ୍ଜ ଭାବେ ଗ୍ରହଣ କରିବା ଉଚିତ ଏବଂ ଚୀନ ସହ ସବୁ କ୍ଷେତ୍ରରେ ସମକକ୍ଷ ହେବାକୁ ପ୍ରୟାସ କରିବା ଉଚିତ।

କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା

॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ୟା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ।

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି। ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ୍ୟ ବୃଦ୍ଧି ପାଉଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି। ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି। ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି। ଯାହାପାଇଁ ସଚେତନତା ନିହାତି ଜରୁରୀ। ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ।

ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା। ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ। ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ। ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ। ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର। ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ। ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର। ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ। ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ। ଏହା ସହଜରେ ଚିକିତ୍ସା ହୋଇପାରେ। ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ। ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ। ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ। ଏହାବ୍ୟତୀତ ଜେନେଟିକ୍ ମଧ୍ୟ ଅନ୍ୟ ଏକ କାରଣ। ଜନ୍ମ ସମୟରୁ ପିଲାଟି ମା'ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ। ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ୍ୟ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା। ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା। ତାର ଆଖି ତୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା। ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ୟା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ। ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ୍ୟ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ। ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ। ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ। ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ। ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ। ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ। ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ। ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ। ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ୍ୟ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ। ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ।

ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ। ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ। ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ଼ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ। ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ। ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ। ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ। ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ। ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ। କେତେକ କ୍ଷେତ୍ରରେ ପିଲାଟି ମା'ବାପା କିମ୍ୟା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ। ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି। ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ। ଭାରତୀୟ ଆଧ୍ୟାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ। କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ୍ୟ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ। ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ। ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ। ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରଷା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ।

ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର, ଦୂରଭାଷ : ୯୪୩୭୧୨୪୦୭୪

ପିକା ଡିଜଅର୍ଡର

॥ ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

ଆପଣଙ୍କ ପିଲାଟି ତାର ବୟସ ବୃଦ୍ଧି ସହ ମାଟି, ଚକଖଡ଼ି ବା ତା ହାତରେ ଯାହା ପଡୁଛି ସେ ଏହାକୁ ପାଟିରେ ପୁରାଉଛି କି ? ପ୍ରାୟତଃ ମାଟି ଖାଇବାର ଅଭ୍ୟାସକୁ ପିଲାମାନଙ୍କ ଇଟିଙ୍ଗ ଡିଜଅର୍ଡର ବା ପିକା ଡିଜଅର୍ଡର କୁହାଯାଇଥାଏ। ପ୍ରାୟତଃ ଛୋଟ ପିଲା ଓ ଗର୍ଭବତୀ ମହିଳା ମାଟି କିମ୍ୟା ଚକ ଖାଇବାକୁ ଭଲ ପାଆନ୍ତି। ଶରୀରରେ ବ୍ଲଡ଼, ଆଇରନ, ଜିଙ୍କ ସମେତ ଅନ୍ୟାନ୍ୟ ପୋଷାକ ତତ୍ତ୍ୱର ଅଭାବ ଦେଖାଗଲେ ଗର୍ଭବତୀମାନେ ମଧ୍ୟ ଏପରି ବ୍ୟବହାର କରିଥାନ୍ତି। ହେଲେ ପ୍ରାୟ ସମୟ ମାଟି ଖାଇବାର ଲଗାତର ଏହି ଅଭ୍ୟାସ ଇଟିଙ୍ଗ ଡିଜଅର୍ଡର ପ୍ରମୁଖ କାରଣ ହୋଇପାରେ। ଏହି ଅଭ୍ୟାସକୁ ଡାକ୍ତରୀ ଭାଷାରେ ପିକା ଡିଜଅର୍ଡର କୁହାଯାଏ। ତେବେ ପରବର୍ତ୍ତୀ ସମୟରେ ପିଲାଟିର ପେଟ ସମସ୍ୟା ଅଧିକ ଭାବରେ ଦେଖାଦେଇଥାଏ, ଯାହାର ପ୍ରଭାବରେ ପିଲାଟିର ଶାରୀରିକ ଅଭିବୃଦ୍ଧି ବାଧକ ପ୍ରାପ୍ତ ମଧ୍ୟ ହୋଇଥାଏ ଏବଂ ତାକୁ ସଠିକ ସମୟରେ ଭୋକ ଲାଗିନଥାଏ, ଖାଦ୍ୟ ହଜମ ହୋଇନଥାଏ ଏବଂ କେତେକ କ୍ଷେତ୍ରରେ ପେଟ ମଧ୍ୟ ଫୁଲିଯାଏ।

ପିକା ଡିଜଅର୍ଡର ଯୋଗୁ ପିଲାଟିର ଅନ୍ତଃନଳୀରେ କୃମି ସହ ଅନ୍ୟାନ୍ୟ ବାହାର ବ୍ୟାକ୍ଟେରିଆ ବଢ଼ିଯାଅନ୍ତି ଯାହାଫଳରେ ପିଲାଟିର ଭୋକ କମିଯାଏ ଓ ସେ ଅସହ୍ୟ ପେଟ ଯନ୍ତ୍ରଣା ସହ ପେଟ ଫୁଲିବା ମଧ୍ୟ ଦେଖାଦେଇଥାଏ। ମାଟି, ଚକ ବ୍ୟତୀତ ଏହି ରୋଗରେ ପୀଡ଼ିତ ପିଲାଟି ଘରର ଏପରି କିଛି ଜିନିଷ ଯାହାକି ତାହା ହାତପାହାନ୍ତାରେ ପଡ଼ିଥାଏ ଯଥା ଅଠା ହେଉ ବା କାଗଜପତ୍ର, ସାବୁନ ହେଉ ବା କେଶ, ପିନକଷ୍କା, ସିଗାରେଟ ଓ ନିଜ ନଖ ମଧ୍ୟ କାମୁଡ଼ନ୍ତି। ବିଶେଷକରି ଛଅ ବର୍ଷର ପିଲାଙ୍କ ଠାରେ ଏହି ରୋଗ ଅଧିକ ଦେଖାଦିଏ। ଏହାସହ କୌଣସି ମାନସିକ ରୋଗରେ ଆକ୍ରାନ୍ତ ଥିବା ଅଟିଜିମ ସ୍ପେକ୍ଟ୍ରମ, ସିଜୋଫ୍ରେନିଆ, ଇଣ୍ଟେଲେକ୍ଚୁଆଲ ଡିଜାବିଲିଟି ସମସ୍ୟା ଥିଲେ ସେମାନଙ୍କର ଏହି ଅଭ୍ୟାସ ମଧ୍ୟ ଦେ

କଳିଙ୍ଗ ବାଲିଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ଜୋରଦାର : ଯୋଗଦେବେ ମୁଖ୍ୟମନ୍ତ୍ରୀ

ପାରାଦୀପ, (ମହାଭାରତ): ପାରାଦୀପ ରେ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଚଳିତ ନଭେମ୍ବର ୨୩ ରୁ ୨୯ ତାରିଖ ଦୀର୍ଘ ୭ ଦିନ ଧରି ସମୁଦ୍ର ବେଳାଭୂମି ସ୍ଥିତ ବିଜୁ ମୈଦାନ ବାଲିଯାତ୍ରା ପଡିଆ ଠାରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳିଙ୍ଗ ବାଲିଯାତ୍ରା ମହୋତ୍ସବ କୁ ଉଦଘାଟନ କରିବା ସହ ଏହା ପରଦିନ ନଭେମ୍ବର ୨୪ ତାରିଖ ସକାଳେ ପାରାଦୀପ ବନ୍ଦର ପ୍ରାଧିକରଣ ଦ୍ୱାରା ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ତେବେ ଲଗାଣ ତିନିଦିନ ଧରି ଲାଗିରହିଥିବା ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁଁ ଏସବୁ କାର୍ଯ୍ୟକ୍ରମ ର



ପ୍ରସ୍ତୁତିରେ ବାଧା ଉପୁଜିଥିବା ବେଳେ ୨୧ ତାରିଖ ଦିନ ପାଗ ଠିକ ରହିଥିବାରୁ ଜିଲ୍ଲା ପ୍ରଶାସନ ଓ କଳିଙ୍ଗ ବାଲିଯାତ୍ରା କମିଟି ଏବଂ ବନ୍ଦର ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି କାର୍ଯ୍ୟ ଚାଲିଛି । ବାଲିଯାତ୍ରା ପ୍ରସ୍ତୁତି କୁ ତ୍ୱରାନ୍ୱିତ କରିବା ପାଇଁ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଉପାଧକ୍ଷ ନିରଞ୍ଜନ ବେହେରା, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ ଅନ୍ୟାନ୍ୟ ସଦସ୍ୟ ମାନେ ବେଳାଭୂମି ସ୍ଥିତ ମହୋତ୍ସବ ପଡିଆରେ ଉପସ୍ଥିତ ରହି କାର୍ଯ୍ୟ କୁ ତଦାରଖ କରୁଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ଏହି ସପ୍ତାହବ୍ୟାପି ମହୋତ୍ସବରେ ଜିଲ୍ଲାର ପ୍ରମୁଖ ଶିକ୍ଷାନୁଷ୍ଠାନ ମାନଙ୍କ ଦ୍ୱାରା ଉତ୍କର୍ଷ ଉନ୍ନୟନ କାର୍ଯ୍ୟ ପ୍ରଦର୍ଶନୀ, ପଲ୍ଲିଶ୍ରୀ ମେଳା, ଚିତ୍ରକଳା ପ୍ରଦର୍ଶନୀ, ସ୍ମରଣିକା ଉନ୍ମୋଚନ, ନୌକା ଚାଳନା ପ୍ରତିଯୋଗିତା, କବି ସମ୍ମିଳନୀ, ସୁସ୍ୱାଦୁ ଖାଦ୍ୟ ମେଳା, ବିଭିନ୍ନ ସନ୍ଧ୍ୟାରେ ପ୍ରତିଷ୍ଠିତ ଓଲିଉଡ଼ ଏବଂ ବଲିଉଡ କଳାକାର ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ ଓ ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।


ଖବର ପ୍ରସାରଣର ପ୍ରଭାବ ! ଅଭିଯୋଗ ପରେ ଫେରି ପାଇଲେ ଟଙ୍କା, ଗରିବ ଆଦିବାସୀ ପରିବାରଙ୍କୁ ମିଳିଲା ଆଶ୍ୱସ୍ତି

ରାଇଘର, (ମହାଭାରତ): ମହାଭାରତ ଖବର ପ୍ରସାରଣର ପଡ଼ିଲା ପ୍ରଭାବ। ମାଗଣା ବିଦ୍ୟୁତ୍ ମିଟର ଲଗାଇବା ନାଁରେ ଗରିବ ଆଦିବାସୀ ପରିବାରଙ୍କଠାରୁ ୨୫୦ ଟଙ୍କା ଲେଖାଏଁ ଆଦାୟ ହୋଇଥିବା ଅଭିଯୋଗ ନେଇ ଖବର ପ୍ରସାରଣ ପରେ ଶେଷରେ ଗ୍ରାମବାସୀ ନିଜର ଦେଇଥିବା ଟଙ୍କା ଫେରିପାଇଛନ୍ତି। ସୂଚନାଯୋଗ୍ୟ, ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଗଞ୍ଜାପାରା ପଞ୍ଚାୟତ ଅନ୍ତର୍ଗତ କୁସୁମପୁର (ଦରିପାରା) ଗ୍ରାମରେ ମାଗଣା ବିଦ୍ୟୁତ୍ ମିଟର ଲଗାଇବା ନାଁରେ ପ୍ରତ୍ୟେକ ପରିବାରଠାରୁ ୨୫୦ ଟଙ୍କା ଆଦାୟ ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ ଉଠାଇଥିଲେ। ଦିନମଜୁରି କରି ପରିବାର ଚଳାଉଥିବା ଗରିବ ଆଦିବାସୀ ପରିବାରଙ୍କ ପାଇଁ ଏହି ଟଙ୍କା ମଧ୍ୟ ବଡ଼ ଆର୍ଥିକ ବୋଝ ପାଲଟିଥିଲା।ଏହି ଅନିୟମିତତା ଅଭିଯୋଗକୁ ନେଇ ଗଣମାଧ୍ୟମରେ ଖବର ପ୍ରସାରଣ ହେବା ପରେ ଘଟଣାଟି ଚର୍ଚ୍ଚାକୁ ଆସିଥିଲା। ଶେଷରେ ଗ୍ରାମବାସୀଙ୍କୁ ସେମାନେ ପୂର୍ବରୁ ଦେଇଥିବା ଟଙ୍କା ଫେରସ୍ତ ମିଳିଥିବା ଜଣାପଡ଼ିଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି।ତେବେ ଏହି ଘଟଣାରେ ଟଙ୍କା କାହା ନିର୍ଦ୍ଦେଶରେ ଆଦାୟ ହୋଇଥିଲା ଏବଂ କେଉଁ କାରଣରୁ ଫେରସ୍ତ କରାଗଲା, ତାହାର ସ୍ପଷ୍ଟତା ଆସିବା ଆବଶ୍ୟକ। ଯାହାଦ୍ୱାରା ଭବିଷ୍ୟତରେ ଗରିବ ଓ ନିରୀହ ଉପଭୋକ୍ତାମାନେ ଏଭଳି ଅସୁବିଧାର ସମ୍ମୁଖୀନ ନହେବେ। ଜନସାଧାରଣଙ୍କ ସମସ୍ୟାକୁ ସ୍ୱର ଦେବା ହିଁ ଗଣମାଧ୍ୟମର ଦାୟିତ୍ୱ। ଖବର ପ୍ରସାରଣ ପରେ ଗ୍ରାମବାସୀ ନିଜ ଟଙ୍କା ଫେରିପାଇବା ନିଶ୍ଚିତ ଭାବେ ଏକ ଆଶ୍ୱସ୍ତିକର ଖବର।



କାର୍ଯ୍ୟରତ ସାମ୍ବାଦିକ ରତ୍ନାକର ଜେନା ଙ୍କ ବଡ ଭାଇଙ୍କ ମୃତ୍ୟୁ

ପାରାଦୀପ, (ମହାଭାରତ) : ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ରତ୍ନାକର ଜେନା ଙ୍କ ବଡ ଭାଇ ସୁରେନ୍ଦ୍ର ନାଥ ଜେନା (୯୨)ଙ୍କ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ହିକିସାଧୀନ ଅବସ୍ଥାରେ ଶୁକ୍ରବାର ଦିନ ପରଲୋକ ହୋଇଯାଇଛି । ସେ ଜଣେ ଦରଦୀ ମଣିଷ ଓ କ୍ରାନ୍ତିକାରୀ ବିଜେପି ନେତା ଥିଲେ। ମୃତ୍ୟୁ ସମୟରେ ପୁଅ ବିଭୁ, ଝିଅ ସ୍ୱର୍ଣ୍ଣ ଓ ଜ୍ୟୋତିର୍ମୟୀ ଓ ଅନେକ ପ୍ରିୟ ଜନ ହସ୍ପିଟାଲ ରେ ଉପସ୍ଥିତ ଥିଲେ ।୧୯୮୦ ମସିହା ପରେ ବିଜେପି ସଂଗଠନ କୁ ଆଗକୁ ନେବାରେ



ସ୍ୱର୍ଗତ ଜେନା ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ସେ ଭାରତୀୟ ଜନତା ପାର୍ଟି ଓଡିଶା ବିଜେପି ର ପୂର୍ବତନ କୃଷକ ମୋର୍ଚ୍ଚା ସଭାପତି, ପୁରୀ ଜିଲ୍ଲା ବିଜେପିର ଦୁଇଥର ସଭାପତି, ବ୍ରହ୍ମଗିରି ବିଧାନସଭା ର ତିନି ଥର ପ୍ରାର୍ଥୀ ହୋଇଥିଲେ। ପୁରୀ ଜିଲ୍ଲା ପରିଷଦ ର ପାଞ୍ଚ ନମ୍ବର ଜୋନ ରୁ ନିର୍ବାଚିତ ହୋଇ ଅନେକ ବିକାଶ ମୂଳକ କାର୍ଯ୍ୟ କରିଛନ୍ତି। ବାଜପେୟୀ ସରକାର ସମୟରେ ପୁରୀ ଜିଲ୍ଲା ରେ ଅଗମ୍ୟ ଅଞ୍ଚଳରେ ଅନେକଗୁଡିଏ ପ୍ରଧାନ ମନ୍ତ୍ରି ସଡ଼କ ଯୋଜନାରେ ସଡ଼କ ସଂଯୋଗ କାର୍ଯ୍ୟ ରେ ସହଯୋଗ କରି ସୁନାମ ଅର୍ଜନ କରିଥିଲେ।

ଦାଶିଗାଁ ସାପ୍ତାହିକ ବଜାର ପ୍ରାଙ୍ଗଣ ଠାରେ ଚାଷୀ କମିଟି ଗଠିତ

ଜୁନାଗଡ଼, (ମହାଭାରତ) : କଳାହାଣ୍ଡି କୃଷିଜିବୀ କଲ୍ୟାଣ ସଂଘର ଆବାହକ ଡ଼ା ବିଶ୍ୱନାଥ କର ଙ୍କ ଆହ୍ୱାନ କ୍ରମେ ଗାଁ କୁ ଚାଲ ଅଭିଯାନ ଦ୍ୱାରା ଜୁନାଗଡ ବ୍ଲକ୍ ସ୍ଥିତ ଦାଶିଗାଁ ସାପ୍ତାହିକ ବଜାର ପ୍ରାଙ୍ଗଣ ଠାରେ ଦାଶିଗାଁ ଗ୍ରାମ ପଂଚାୟତର ଚାଷୀ କମିଟି ଗଠନ ହୋଇ ଯାଇଛି। ଉକ୍ତ ବୈଠକରେ ଦାଶିଗାଁ ଗ୍ରାମ ପଂଚାୟତର ବିଭିନ୍ନ ଗ୍ରାମରୁ ଶତାଧିକ ଚାଷୀ ଭାଇ ଭଉଣୀଙ୍କ ଉପସ୍ଥିତରେ ଏକ ସଭା ଅନୁଷ୍ଠିତ ହୋଇଥିଲା, ଉକ୍ତ ସଭାରେ ବରିଷ୍ଠ ଚାଷୀ ଶ୍ରୀଯୁକ୍ତ ପଞ୍ଚାନନ ଲହଜଲ୍ ସଭାପତିତ୍ୱ କରିଥିଲେ ଓ କଳାହାଣ୍ଡି କୃଷିଜିବୀ କଲ୍ୟାଣ ସଂଘର ଆବାହକ ତଥା ବରିଷ୍ଠ ସମାଜସେବୀ ଡ଼ା. ବିଶ୍ୱନାଥ କର ସଭା ପରିଚାଳନା କରି ସଂଗଠନକୁ ଗ୍ରାମାଭିମୁଖୀ ଓ ସଶକ୍ତୀ କରଣ ଉପରେ ଗୁରୁତ୍ୱ ଦେଇ ସମଗ୍ର ଜିଲ୍ଲାରେ ଗ୍ରାମ୍ୟ ଚାଷୀ କମିଟି, ପଂଚାୟତ ସ୍ତରୀୟ ଚାଷୀ କମିଟି ଓ ବ୍ଲକ୍ ସ୍ତରୀୟ ଚାଷୀ ଗମିଟି ଗଠନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କଲା ପରେ ଅଦ୍ୟ ସଭାରେ ସମସ୍ତ ଚାଷୀଙ୍କ ସହମତି ରେ ଏହି ପଂଚାୟତର ଚାଷୀ କମିଟି ଗଠନ ହୋଇଥିଲା। ସଭାପତି ରୂପେ ପୂର୍ବତନ ସରପଞ୍ଚ ଶ୍ରୀନିବାସ ସାହୁ, ସମ୍ପାଦକ ରୂପେ ରବି ବେମାଲ ଓ ଉପସଭାପତି ରୂପେ ପ୍ରମୋଦ କୁମାର ବେହେରା ସର୍ବ ସମ୍ମତି ରୂପେ ଚୟନ ହୋଇ ସମସ୍ତ ନେତୃ ମଣ୍ଡଳୀଙ୍କ ଗହଣରେ ଶପଥ ଗ୍ରହଣ କରିଥିଲେ। ଆଗାମୀ ଦିନରେ ଚାଷୀ ସଂଗଠନ କୁ ଗ୍ରାମାଭିମୁଖୀ କରି ଚାଷୀଙ୍କ ହକ୍ ଓ ଅଧିକାରକୁ ବଜାୟ ରଖିବାକୁ ଉପସ୍ଥିତ ଚାଷୀମାନେ ବକ୍ତବ୍ୟରେ ପ୍ରକାଶ କରି ମଣ୍ଡିରେ ଧାନ ବିକିବା ପାଇଁ ସରକାରଙ୍କ ଏଗ୍ରୀଷ୍ଟିକ ନିୟମକୁ ବିରୋଧ, ରାସାୟନିକ ସାର ଓ କୀଟନାଶକ ଔଷଧର ଆଶାତୀତ ଦର ବୃଦ୍ଧିକୁ ବିରୋଧ, ଧାନ କିଣା ରେ ଦଲାଲି ରୋକିବା, କଟନି ଛଟନି ବନ୍ଦ୍ କରିବା, ବସ୍ତା ବାବଦରେ ଏକ କେଜି ଧାନରୁ ଅଧିକ ଧାନ ଦଲାଲ ମାନେ ଚାଷୀଙ୍କ ଠୁ ନେବା ବନ୍ଦ୍ କରିବା ଓ ନିର୍ଦ୍ଧିଷ୍ଟ ସମୟରେ ସମସ୍ତ ଚାଷୀଙ୍କ ଧାନକୁ ତୁରନ୍ତ କିଣି ୨୪ ଘଣ୍ଟା ମଧ୍ୟରେ ଚାଷୀଙ୍କ ଖାତା ରେ ପଇସା ଜମା କରିବାକୁ ଉପସ୍ଥିତ ସମସ୍ତ ଚାଷୀ ବୃନ୍ଦ ନିଜ ନିଜ ମନ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ଦାମୋଦର ବେହେରା, ଗୌର ବାଗ, ଗୋପୀନାଥ ନାଏକ, ଚନ୍ଦ୍ର ବାଗ, ରାଜାରାମ ଡଙ୍ଗରି, ସୁନାସିର ବେମାଲ, ଭାସ୍କର ବେମାଲ, ଦଶରଥ ହାତୀ, ଡ୍ରାଇଭର କୁମାର, ବାରୁ ସୁନାନୀ, ବଂଶୀଧର ଦୁର୍ଗା, ପବିତ୍ର ଦୁର୍ଗା, କିଶୋର ମାଝୀ, ଯୁବରାଜ ବାଗ, ସଦାଶିବ ପ୍ରଧାନୀ, କ୍ଷେତ୍ର ମାଝୀ, ଶ୍ରୀଧର ନିଆଲ, ପରମେଶ୍ୱର ନାଏକ, ମଙ୍ଗନିଆ ଭାଟି, ପରମାନନ୍ଦ ପ୍ରଧାନୀ ଓ କୃଷ୍ଣ ଭାଟି ପ୍ରମୁଖ ଚାଷୀନେତା ନିଜ ନିଜ ମନ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ଶ୍ରୀଯୁକ୍ତ ପଞ୍ଚାନନ ଲହଜଲ ସ୍ୱାଗତ ଅଭିଭାଷଣ ପ୍ରଦାନ ଓ ଶ୍ରୀନିବାସ ସାହୁ ଧନ୍ୟବାଦ ଜ୍ଞାପନ କରି ସଭା ସାଙ୍ଗ କରିଥିଲେ ।



ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ -୨୦୨୬ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ପିପିଟି ପ୍ରତିଯୋଗିତା ଅନୁଷ୍ଠିତ



କଳାହାଣ୍ଡି/ ଭବାନୀପାଟଣା, (ମହାଭାରତ): ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ (ଠଇଣଖଉ)-୨୦୨୬ ଅନ୍ତର୍ଗତ ଚ୍ୟାଲେଞ୍ଜ ଟ୍ରାକ୍‌ର ଜିଲ୍ଲାସ୍ତରୀୟ ପାୱାର ପଏଣ୍ଟ (ଚଚଞ) ପ୍ରତିଯୋଗିତା ଆଜି କଳାହାଣ୍ଡି ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡଝଡଇଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ମୂଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତନ୍ମୟ କୁମାର ଦରୱାନ ଯୋଗଦାନ କରିଥିଲେ । ଏହି ଅବସରରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଜିଲ୍ଲା କ୍ରୀଡ଼ା ଅଧିକାରୀ ସନାତନ ମହାରଣା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା,ଜିଲ୍ଲା ଯୁବ ସଂଯୋଜକ, ମାଇ ଭାରତ ବଂଶ ଶର୍ମା ଏବଂ ଅବସରପ୍ରାପ୍ତ ଅଧ୍ୟକ୍ଷ ଅଜୟ କୁମାର ମିଶ୍ର ଉପସ୍ଥିତ ଥିଲେ। ବିଚାରକ ଭାବେ ଡ. କୈଳାସ ଚନ୍ଦ୍ର ଦାସ, ପ୍ରଫେସର ଧୀରେଶ ନନ୍ଦ ଓ ପ୍ରଫେସର ପଞ୍ଚରତ୍ନ ଗିରି ଦାୟିତ୍ୱ ତୁଲାଇଥିଲେ। ଏହି ପ୍ରତିଯୋଗିତାରେ ୧୩ ଜଣ ଯୁବ ପ୍ରତିଯୋଗୀ "ସ୍ଥାୟୀ ଶିକ୍ଷାୟନ ଓ ସମ୍ବଳଭିତ୍ତିକ ଅଭିବୃଦ୍ଧି" (Sustainable Industrialization and Resource-led Growth) ବିଷୟବସ୍ତୁ ଉପରେ ନିଜ ନିଜର ଅଭିନବ ଚିନ୍ତାଧାରା ଓ ପ୍ରସ୍ତାବକୁ ପାୱାର ପଏଣ୍ଟ ମାଧ୍ୟମରେ ବିଚାରକମଣ୍ଡଳୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ବିଚାରକମଣ୍ଡଳୀଙ୍କ ମୂଲ୍ୟାୟନ ଆଧାରରେ ନିମ୍ନଲିଖିତ ୬ ଜଣ ପ୍ରତିଯୋଗୀ ରାଜ୍ୟସ୍ତରୀୟ ଠଇଣଖଉ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।

୧. ସୋହାନୀ ନାଏକ – ପ୍ରଥମ ସ୍ଥାନ, ୨. ଶୁଭସ୍ମିତା ପୁରୋହିତ – ଦ୍ୱିତୀୟ ସ୍ଥାନ, ୩. ସରନଦୀପ ଖଣ୍ଡପାଣ – ତୃତୀୟ ସ୍ଥାନ, ୪. ସତ୍ୟଜିତ ବେଉରା – ଚତୁର୍ଥ ସ୍ଥାନ, ୫. ସ୍ମୃତିସୁଧା ସାହା – ପଞ୍ଚମ ସ୍ଥାନ, ୬. ନିବେଦିତା ପଟ୍ଟନାୟକ – ଷଷ୍ଠ ସ୍ଥାନ।

ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୩,୦୦୦, ୨,୦୦୦ ଓ ୧,୦୦୦ ଟଙ୍କାର ନଗଦ ପୁରସ୍କାର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରୱାନ ପ୍ରଦାନ କରିଥିଲେ। ଯୁବପିଢ଼ିଙ୍କ ମଧ୍ୟରେ ନବସୃଜନ, ନେତୃତ୍ୱ ଦକ୍ଷତା, ସୃଜନଶୀଳ ଚିନ୍ତାଧାରା ଓ ରାଷ୍ଟ୍ର ନିର୍ମାଣରେ ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ମନୋନୀତ ସମସ୍ତ ପ୍ରତିଯୋଗୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁଭେଚ୍ଛା ଓ ଶୁଭକାମନା ଜଣାଯାଇଛି।

ଜିଲ୍ଲାପାଳଙ୍କ ଅଚାନକ ଏନ ଏ ସି କାର୍ଯ୍ୟାଳୟକୁ ପରିଦର୍ଶନ: ଉନ୍ନତି ମୂଳକ କାର୍ଯ୍ୟ ଉପରେ ଉପାଧ୍ୟାୟଙ୍କ ଗୁରୁତ୍ୱ



ଧାମନଗର, (ମହାଭାରତ) : ଭଦ୍ରକ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଧାମନଗର ଗ୍ରସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଓ ନିର୍ମାଣ କାର୍ଯ୍ୟ କ୍ଷେତ୍ର ବୁଲି ତଦାରଖ କରିଛନ୍ତି। ଧାମନଗର ଏନ ଏ ସି କାର୍ଯ୍ୟାଳୟକୁ ଅଚାନକ ପରିଦର୍ଶନ କରି ସଭାଗୃହ ପରିସରରେ ଏକ ସମୀକ୍ଷା ବୈଠକ କରି ସରକାରଙ୍କ ବିଭିନ୍ନ ଯୋଜନା,ନିର୍ମାଣଧିନ କାର୍ଯ୍ୟ,ଧୂଆଁ, ଡ୍ରେନେଜ,ପାଣି ନିଷ୍କାସନ,ରାସ୍ତା ଘାଟ ସଫାସୁତୁରା,ସହରରେ ହାଲୋଜିନ ଏବଂ ଷ୍ଟିଟ୍ ଲାଇଟ ଓ ଆଲୋକୀକରଣ,ସୁଦ୍ଧପାଣି ବ୍ୟବସ୍ଥା,ଆବାସ ଯୋଜନାରେ ଗୃହ ଯୋଗାଇ ଦେବା,କଂକ୍ରିଟ ଓ ଫେବର ରାସ୍ତା ନିର୍ମାଣ,ନୂତନ ପ୍ରକଳ୍ପର ଯୋଜନା ପ୍ରସ୍ତୁତ କରି ଟେଣ୍ଡର ପାଇଁ ବିଜ୍ଞାପନ ଆହ୍ୱାନ କରିବା,ହେଲର୍ଡିଙ୍କ ଟେକ୍,ସ୍ୱେଚ୍ଛାସେବୀ,ଗାଁ ସାଥୀ,ପୂର୍ବରୁ ପାଉଥିବା ଏବେ ନୂତନ ହିତାଧିକାରୀ ମାନଙ୍କୁ ଭତ୍ତା ପ୍ରଦାନ କରାଯିବ ଆଦି ସରକାରଙ୍କ ଯେତିକି ସବୁ ଯୋଜନା ରହିଛି ତାହା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟ ସମ୍ପାଦନ କରିବା ସହିତ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋଚନା ବ୍ୟାପକ ଆଲୋଚନା କରିଥିଲେ। ଏହି ବୈଠକରେ ଏନ ଏ ସି ର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଦେବବ୍ରତ ମହାପାତ୍ରଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା ପରେ କାର୍ଯ୍ୟାଳୟ ର ସମସ୍ତେ ବିଭାଗ ବୁଲି ତଦାରଖ କରିଥିଲେ। ଏହି ପରିପ୍ରେକ୍ଷୀରେ ସହରାଞ୍ଚଳରେ ନିର୍ମାଣ ହୋଇଥିବା ଦୁଇଟି କଲ୍ୟାଣ ମଣ୍ଡପ,ସ୍ମାର୍ଟ ପାର୍କ ସମ୍ପୂର୍ଣ୍ଣ କରିବା,ଐତିହାସିକ ଜଗୁସାଗର ପୋଖରୀ ଉନ୍ନତି ଓ ସୁନ୍ଦର୍ଯ୍ୟକରଣ କରିବା,ନିର୍ମାଣ ହୋଇଥିବା ଅସହାୟ ଲୋକଙ୍କ ପାଇଁ ରାତ୍ରି ଯାପନ ଗୃହକୁ ଯଥାଶୀଘ୍ର କାର୍ଯ୍ୟ କ୍ଷମ କରିବା,ଯୋଗ୍ୟ ହିତାଧିକାରୀଙ୍କୁ ତଦନ୍ତ କରି ଭତ୍ତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେବା ସହ ବିଶେଷ କରି ବିଭିନ୍ନ ଉନ୍ନତି କାର୍ଯ୍ୟ ଉପରେ ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ଗୁରୁତ୍ୱ ଦେଇଛନ୍ତି ବୋଲି ଅଧିକାରୀ ଶ୍ରୀ ଦେବବ୍ରତ ମହାପାତ୍ରଙ୍କ ଠାରୁ ସୂଚନା ମିଳିଛି।

କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଦୁଲୁକିବ ପିପେଲପଡ଼ା

ଲାଞ୍ଜିଗଡ଼, ୨୧/୧୧(ମହାଭାରତ):କଳାହାଣ୍ଡୀ ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ କୁମୁଖାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପିପେଲପଡ଼ା ଗ୍ରାମ ବଚକାଛକ ଠାରେ ଚଳିତ ବର୍ଷ ମହାଆଡମ୍ବର ସହିତ ପାଳିତ ହେବାକୁ ଯାଉଛି କାର୍ତ୍ତିକ ପୂର୍ଣ୍ଣିମା ପୂଜାନୋତ୍ସବ। ଉକ୍ତ କାର୍ତିକ ପୁର୍ଣିମା ଉପଲକ୍ଷେ ଯୁଥ ଷ୍ଟାର ପୂଜା କମିଟି ପିପେଲପଡ଼ା ପକ୍ଷରୁ ଚଳିତ ବର୍ଷ ତିନିଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।ଏହି ଅବସରରେ ଗ୍ରାମରେ ଉତ୍ସବମୁଖର ଓ ଲୋକାରଣ୍ୟ ପରିବେଶ ସୃଷ୍ଟି ହେବା ସହ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦ ଦେଖିବାକୁ ମିଳିବ।ପିପେଲପଡ଼ା ଯୁଥ ଷ୍ଟାର ପୂଜା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ମାସ ୨୨ ତାରିଖ ରବିବାର ବା ପ୍ରଥମ ଦିନରେ ମନୋରଞ୍ଜନଧର୍ମୀ ବା ସୁନ୍ଦରୀ ଝିଅକୁ ସିନ୍ଦୁର ମନା ନାଟକ ପରିବେଷଣ କରାଯିବ ।ସେହିପରି ଦ୍ୱିତୀୟ ଦିନ ୨୩ ତାରିଖ ସୋମବାରରେ ଆକର୍ଷଣୀୟ ଦୀଲସେ ଡ୍ୟାନ୍ସ ଧମାକା ସିଜନ-୨ କାର୍ଯ୍ୟକ୍ରମ ଏବଂ ତୃତୀୟ ତଥା ଅନ୍ତିମ ଦିନ ମଙ୍ଗଳବାର ୨୪ ତାରିଖରେ ଫୋକ ଷ୍ଟାର ଦୁଷ୍ମନ୍ତ ସୁନାଙ୍କ ମାହି ଦୁର୍ଗାସାହା ଗ୍ରୁପ ମନଛୁଆଁ ମେଲୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ମାଲକାନଗିରିରେ ୩୮୫ ଶିକ୍ଷକଙ୍କ ପଦୋନ୍ନତି ପାଇଁ ଜିଲ୍ଲାସ୍ତରୀୟ କାଉନସେଲିଂ ଆୟୋଜିତ

ମାଲକାନଗିରି, (ମହାଭାରତ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଓଡ଼ିଶା ଆଦେଶ ସଂଖ୍ୟା ୨୦୮୩୪ ତାରିଖ ୧୦-୧୧-୨୦୨୬ ଅନୁସାରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ,ମାଲକାନଗିରି ତରଫରୁ ଆଜି ମାଲକାନଗିରି ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲାରେ କାର୍ଯ୍ୟରତ ୩୮୫ ଜଣ ଶିକ୍ଷକଙ୍କ ପଦୋନ୍ନତି ପାଇଁ ଜିଲ୍ଲାସ୍ତରୀୟ କାଉନସେଲିଂ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଚି



ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା



ଚାରମାଳ ପୋଲିସର ଚଢ଼ାଉ, ୧୧କେଜି୮୦୦ ଗ୍ରାମ ଗଞ୍ଜେଇ ଜବତ; ଜଣେ ଗିରଫ

ରେଡ଼ାଖୋଲ (ମହାଭାରତ)ସମ୍ବଲପୁର ଜିଲ୍ଲା ଚାରମାଳ ଥାନା ପୋଲସକୁ ମିଳିଛି ସଫଳତା। ବିଶେଷ ସୂଚନା ଆଧାରରେ ଚାରମାଳ ଥାନା ପୋଲିସ ଚୁଡ଼ାପୁଟୁଗ ଗ୍ରାମରେ ଚଢ଼ାଉ କରି ୧୧ କେଜି ୮୦୦ ଗ୍ରାମ ଗଞ୍ଜେଇ ଜବତ କରିଛି ।ପୋଲିସ ସୂଚନା ଅନୁଯାୟୀ, ହୀରେନ୍ଦ୍ର କର୍ଣ୍ଣଙ୍କ ଘରୁ ଏହି ଗଞ୍ଜେଇ ଜବତ କରାଯାଇଥିବା ବେଳେ ଏହି ଘଟଣାରେ ବଲାଙ୍ଗୀର ଜିଲ୍ଲା ସଦର ଥାନା ଅନ୍ତର୍ଗତ କୁସମେଲ (ଆରଆର କଲୋନୀ) ଗ୍ରାମର ବଳଦେବ ପାଟଣିଆଙ୍କ ପୁଅ ପ୍ରକାଶ ପାଟଣିଆ (୧୯)ଙ୍କୁ ପୋଲିସ ଗିରଫ କରିଛି । ଏନେଇ ଚାରମାଳ ଥାନାରେ କେସ୍ ନଂ ୧୮୫/୨୦୨୬ ରେ ଏନ୍ ?ଡିପିଏସ୍ ଆଇନର ଧାରା ୨୦(ବି) ଅନୁଯାୟୀ ମାମଲା ରୁଜୁ ହୋଇଛି । ଏହି ବେଆଇନ କାରବାରରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ପୋଲିସ ତଦନ୍ତ ଜାରି ରଖିବା ସହ ଅନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି ।

ବାଲିଗୁଡାର ଗଞ୍ଜେଇ ମାଫିଆକୁ ମାଡି ବସିଲା ଖୋର୍ଦ୍ଧା ଅବକାରୀ ପୋଲିସ୍

ଗଞ୍ଜେଇ ଭଉି ତିନୋଟି ଗାଡି ,ମୋବାଇଲ ଜବତ



କନ୍ଧମାଳ(ମହାଭାରତ): କନ୍ଧମାଳ ଜିଲ୍ଲାରେ ପୋଲିସ ପ୍ରଶାସନ ବେଆଇନ ଗଞ୍ଜେଇ ଚାଷ ଓ ଗଞ୍ଜେଇ ଚାଲଣକୁ ଜିଲ୍ଲାରୁ ସଂପୂର୍ଣ୍ଣ ଲୋପ କରିବାକୁ ଅଣ୍ଟା ଭିଡିଥିବା ଓ ସେଥିପାଇଁ ପ୍ରତ୍ୟକ ପଞ୍ଚାୟତକୁ ଯାଇ ବିଭିନ୍ନ କାଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନତା କରାଉଛନ୍ତି ।ଏପଟେ ବାଲିଗୁଡା କୋଳିମୁଳ ଛକ ନିକଟରେ ଦେବଯାନୀ ଟୁରଏଣ୍ଡ ଟ୍ରାଭଲେସର ମାଲିକ ସାଜିଥିବା ସିଏଚ୍ ଦହିପାନିଆ ପାତ୍ର ଓରଫ୍ ଭିକିପାତ୍ର ନାମକ ଯୁବକ ଓ ତାର ଅନ୍ୟ ସହଯୋଗୀ ମାନେ ଗଞ୍ଜେଇ ମାଫିଆ ସାଜି ନିଜର ତିନୋଟି ଗାଡିରେ ଗଞ୍ଜେଇ ଭଉି କରି ବାହାରକୁ ଚାଲଣ କରୁଥିବା ବେଳେ ଖୋର୍ଦ୍ଧା ଅବକାରୀ ବିଭାଗ ଦ୍ୱାରା ଧରାପଡି ଗିରଫ ହୋଇ ଜେଲ ଯିବା ବାଲିଗୁଡା ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି ।ଧରାପଡିଥିବା ଗଞ୍ଜେଇର ପରିମାଣ ୯୦କେଜି ବୋଲି ଜଣାପଡିଛି ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ।ଯାହା ସୂଚନା ମିଳୁଛି ଏହି ଗଞ୍ଜେଇ ମାଫିଆ ଦୀର୍ଘଦିନ ଧରି ବାଲିଗୁଡା ବଜାର ମଧ୍ୟରେ ବ୍ୟବସାୟ କରି ସ୍ୱଚ୍ଛ ଭାବମୂର୍ତ୍ତି ଖୋଳପା ତଳେ ରହି ଗଞ୍ଜେଇ ବେପାରୀ ସାଜି ରହିଥିବା ବେଳେ ପୋଲିସ ପ୍ରଶାସନ ଓ ଅବକାରୀ ବିଭାଗ କିଭଳି ଟେର ପାଇଲା ନାହିଁ ।ଏହି ଗଞ୍ଜେଇ ବେପାର କରି ଏହି ମାଫିଆ ଲକ୍ଷଲକ୍ଷ ଟଙ୍କା କଳାଧନ ଉପାର୍ଜନ କରି ମାସକୁ ଗୋଟାଏ ନୂଆଁଗଡି ,ସୁନା ଅଳଙ୍କାର, ଘରଦ୍ୱାର,ବ୍ୟାଙ୍କ ବେଲେନ୍ସ ବୃଦ୍ଧି କରି ନିଜର ସାମ୍ରାଜ୍ୟ ବିସ୍ତାର କରିଥିବା ବୁଦ୍ଧିଜିବି ମହଲରେ ଆଲୋଚନା ହେଉଛି ।ଯଦି ପୋଲିସ ପ୍ରଶାସନ ଏହି ମାଫିଆର ସମସ୍ତ ଘର,ବ୍ୟାଙ୍କ ବ୍ୟାଲେନ୍ସ,ସଂପତ୍ତି ଓ ସମ୍ପକିୟ ,ପରିବାରର ନେଣଦେଣ ଉପରେ ସଠିକ୍ ଯାଞ୍ଚ କରନ୍ତି ତାହାହେଲେ ଏହି ମାଫିଆର ସମସ୍ତ ତଥ୍ୟ ପଦାକୁ ଆସିବ ।ଶୁଣିବାକୁ ମିଳୁଛି ଖୋର୍ଦ୍ଧା ଅବକାରୀ ବିଭାଗ ଏହି ଗଞ୍ଜେଇ ମାଫିଆକୁ ଧରିବା ପରେ ଗଛିତ ଅବଶିଷ୍ଟ ଗଞ୍ଜେଇକୁ ଭୟରେ ଅନ୍ୟ କେଉଁ ସ୍ଥାନକୁ ସ୍ଥାନାନ୍ତରିତ କରି ଲୁଚାଇ ରଖାଯାଇଥିବା ଅଭିଯୋଗ ହେଉଅଛି ।ଏହାର ସଠିକ୍ ତଦନ୍ତ ପୋଲିସ ପ୍ରଶାସନ କରିବା ଜରୁରି ହୋଇପଡିଛି ।

ଆଇନ କ୍ଷେତ୍ରରେ କ୍ୟାରିୟର ମାର୍ଗଦର୍ଶନ ପାଇଲେ ଛାତ୍ରଛାତ୍ରୀ



ପାରଳାଖେମୁଣ୍ଡି (ମହାଭାରତ): ୨୧ ନଭେମ୍ବର ୨୦୨୬: ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଏବଂ ସଠିକ୍ କ୍ୟାରିୟର ଚୟନରେ ସହାୟତା କରିବା ଉଦ୍ଦେଶ୍ୟରେ ପିଏମ୍ ଶ୍ରୀ କାର୍ଯ୍ୟକ୍ରମ ୨୦୨୬–୨୭ ଅନ୍ତର୍ଗତ ପିଏମ୍ ଶ୍ରୀ ସ୍କୁଲ୍ ଜବାହର ନବୋଦୟ ବିଦ୍ୟାଳୟ, ଗଜପତି (ଓଡ଼ିଶା) ଠାରେ ଦୁଇଦିନିଆ 'ମାର୍ଗଦର୍ଶନ ଓ କ୍ୟାରିୟର ପରାମର୍ଶ' ଅଧିବେଶନ ସଫଳତାର ସହ ଆୟୋଜିତ ହୋଇଯାଇଛି । ଏହି କ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଜୟନାଥ ପ୍ରସାଦ ମହାଥାଙ୍କ ସୁଚାରୁ ମାର୍ଗଦର୍ଶନରେ ୨୦ ଓ ୨୧ ନଭେମ୍ବର ୨୦୨୬ ତାରିଖରେ ଆଇନ କ୍ଷେତ୍ରକୁ ନେଇ ମୋଟ ପାଞ୍ଚଟି ସ୍ୱତନ୍ତ୍ର ଅଧିବେଶନ ଆୟୋଜନ କରାଯାଇଥିଲା ।ଏହି ଅଧିବେଶନଗୁଡ଼ିକରେ ଜିଲ୍ଲା ନ୍ୟାୟାଳୟରେ ପଦସ୍ଥ ଥିବା ଭାରପ୍ରାପ୍ତ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ଏବଂ ଅଧିବକ୍ତା ମମତା ଦେବୀ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଆଇନ କ୍ଷେତ୍ରରେ ଉପଲବ୍ଧ ବିଭିନ୍ନ କ୍ୟାରିୟର ସୁଯୋଗ, ପ୍ରବେଶିକା ପରୀକ୍ଷା, ଓକିଲାତି ବୃତ୍ତି ଏବଂ ନ୍ୟାୟିକ ସେବା ସମ୍ପର୍କରେ ବିସ୍ତୃତ ଓ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ । ଏଥିସହ ଆଇନ ଶିକ୍ଷାର ଗୁରୁତ୍ୱ ଏବଂ ଏହି କ୍ଷେତ୍ରରେ ଭବିଷ୍ୟତ ଗଢ଼ିବାର ବିଭିନ୍ନ ମାର୍ଗ ବିଷୟରେ ମଧ୍ୟ ବିଶେଷ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ସମୟରେ ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଉତ୍ସାହର ସହ ଅଂଶଗ୍ରହଣ କରିବା ସହିତ ବିଭିନ୍ନ ପ୍ରଶ୍ନ ପଚାରି ଆଇନ ଶିକ୍ଷା ଓ ଏହି କ୍ଷେତ୍ରରେ ଥିବା କ୍ୟାରିୟର ସୁଯୋଗ ସମ୍ପର୍କିତ ନିଜର ସନ୍ଦେହ ଦୂର କରିଥିଲେ । ସର୍ବଶେଷରେ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ମହାଥା ପିଏମ୍ ଶ୍ରୀ ଯୋଜନା ଅନ୍ତର୍ଗତ ଏଭଳି ଆଲୋଚନା ଓ ପରାମର୍ଶମୂଳକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ଠିକ୍ ସମୟରେ ଉପଯୁକ୍ତ କ୍ୟାରିୟର ଚୟନ କରିବାରେ ବିଶେଷ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିବା ସହ ଆସିଥିବା ଅତିଥିମାନଙ୍କୁ ସେମାନଙ୍କର ମୂଲ୍ୟବାନ ଜ୍ଞାନ ଓ ଅଭିଜ୍ଞତା ବାଣ୍ଟିଥିବାରୁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଯଥାର୍ଥ ସାହାଯ୍ୟ ସହଯୋଗ କରିଥିବା ଶିକ୍ଷକ କୁଲଦୀପ ରିୟାର, ଶୁଭାଶିଷ ରଥ ଓ ଅନ୍ୟମାନଙ୍କ ସହଯୋଗରେ ଏହି ଦୁଇଦିନିଆ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ପାଇଁ ଅତ୍ୟନ୍ତ ଜ୍ଞାନବର୍ଦ୍ଧକ, ଉପାଦେୟ ଓ ପ୍ରେରଣାଦାୟକ ହୋଇପାରିଥିଲା ।

ଜାଜପୁର ଗ୍ରାମରେ ଅଷ୍ଟପ୍ରହରୀ ଯଜ୍ଞ ଅନୁଷ୍ଠିତ ହରିନାମରେ ପ୍ରକମ୍ପିତ ହେଉଛି ଗାଁ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଶାଣୀ ବ୍ଲକ ଅନ୍ତର୍ଗତ କତଲ କଇଠା ପଞ୍ଚାୟତର ଯାଜପୁର ଗ୍ରାମରେ ପବିତ୍ର କାର୍ତ୍ତିକ ମାସ ଶୁକ୍ଳ ଏକାଦଶୀ ତିଥିରେ ଅଷ୍ଟପ୍ରହରୀ ନାମ ଯଜ୍ଞ ମହା ଆଡମ୍ବରରେ ପାଳିତ ହେଉଅଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଗ୍ରାମବାସୀଙ୍କ ଉଦ୍ୟମରେ ଅଷ୍ଟପ୍ରହରୀ ଯଜ୍ଞ ଅନୁଷ୍ଠିତ ହେଉଛି ।ହରିନାମ ସଂକୀର୍ତ୍ତନର ମଧୁର ଧ୍ୱନିରେ ପ୍ରକମ୍ପିତ ହୋଇଉଠିଛି ସମଗ୍ର ଗ୍ରାମ । ଗ୍ରାମବାସୀ ଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।ଗ୍ରାମରେ ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ଭାବନାର ଏକ ଅପୂର୍ବ ପରିବେଶ ସୃଷ୍ଟି ହୋଇଛି ।

ଭୀମରାରେ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା ପାଇଁ ଭବ୍ୟ କଳସ ଯାତ୍ରା

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ଖମାରସାହିସ୍ଥିତ ଭୀମରା ଠାରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା ଉପଲକ୍ଷେ ଏକ ଭବ୍ୟ କଳସ ଯାତ୍ରା ଆୟୋଜିତ ହୋଇଯାଇଛି । ଏହି ଅବସରରେ ଅଞ୍ଚଳର ମହିଳା ଓ ଶ୍ରଦ୍ଧାଳୁମାନେ ପାରମ୍ପରିକ ବେଶଭୂଷାରେ ସାମିଲ ହୋଇ ଭକ୍ତିପୂତ ପରିବେଶରେ କଳସ ଯାତ୍ରାରେ ଅଂଶଗ୍ରହଣ କରିଥିଲେ ।ଘଣ୍ଟ, ଶଙ୍ଖ ଓ ହରିବୋଲ ଧ୍ୱନିରେ ସମଗ୍ର ଅଞ୍ଚଳ ଆଧ୍ୟାତ୍ମିକମୟ ହୋଇଉଠିଥିଲା । ଏହି ଧାର୍ମିକ ଆୟୋଜନକୁ ନେଇ ଅଞ୍ଚଳରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିବାବେଳେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଉଦ୍ଦୀପନା ପ୍ରକାଶ ପାଇଥିଲା ।

ଲକ୍ଷ୍ମୀ ନାରାୟଣ ବେଶରେ ଦର୍ଶନ ଦେଲେ ଜଗତର ନାଥ ପ୍ରଭୁ ଜଗନ୍ନାଥ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ଥିବା ଜଗନ୍ନାଥ ମନ୍ଦିରରେ କାର୍ତ୍ତିକ ମାସର ଶୁକ୍ଳପକ୍ଷ ବଡ଼ ଏକାଦଶୀରେ ଶତାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି ।କାର୍ତ୍ତିକ ମାସ ଏକ ପୁଣ୍ୟ ମାସ ହୋଇ ଥିବାରୁ ପାରଳାଖେମୁଣ୍ଡି ସହର ସମେତ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ଠାକୁରଙ୍କୁ ଦର୍ଶନ କରିବା ପାଇଁ ଆସିଛନ୍ତି । ଜଗତର ନାଥ ପ୍ରଭୁ ଶ୍ରୀ ଜଗନ୍ନାଥ ଆଜି ମାଆ ମହାଲକ୍ଷ୍ମୀ ଠାକୁରାଣୀଙ୍କୁ କୋଳରେ ଧରି ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି ।ସାଥିରେ ପୂଜା ପାଉଛନ୍ତି ବଡ଼ଭାଇ ବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରା ଓ ସୁଦର୍ଶନ ।ଏହି ଅପୂର୍ବ ଦର୍ଶନ ପାଇଁ ଭକ୍ତ ମାନେ ଆସିଛନ୍ତି । ଭୋର ୪ ଟା ରୁ ଠାକୁରଙ୍କ ନୀତିକାନ୍ତି, ପୂଜାର୍ଚ୍ଚନା ଆରମ୍ଭ ହୋଇ ସକାଳ ଆଳତୀ ଷୋଡ଼ଶ ଉପଚାର ପୂଜା ହୋଇଛି ।ଏହି ପବିତ୍ର ବଡ଼ ଏକାଦଶୀ ତିଥି ଥିବାରୁ ଭକ୍ତମାନେ ନଡିଆ, କଦଳୀ ଧୂପ ଦୀପ ତୁଳସୀ ମାଳ,ପଦ୍ମଫୁଲ ମାଳ, ଅଁଳା ମାଳ ପ୍ରଭୃତି ପୂଜା ସାମଗ୍ରୀ ଧରି ମନ୍ଦିରରେ ଠାକୁରଙ୍କ ପୂଜା କରିଛନ୍ତି ।

ପଦୋନ୍ନତିରେ ଅନିୟମିତତା ନେଇ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଧାରଣା

ମାଲକାନଗିର: ପଦୋନ୍ନତିରୁ ବଞ୍ଚିତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଆନ୍ଦୋଳନକୁ ଶେଷରେ ସାମୟିକ ବିରତି ମିଳିଛି । ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଏକ ମାସ ମଧ୍ୟରେ ସମସ୍ୟାର ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀ ଶିକ୍ଷକମାନେ ଧାରଣାରୁ ଓହରିଛନ୍ତି । ମାଲକାନଗିରି ଜିଲ୍ଲାର କୋରକୋଣ୍ଡା ବ୍ଲକ ସମେତ ବିଭିନ୍ନ ଅଞ୍ଚଳର ପଦୋନ୍ନତିରୁ ବାଦ ପଡ଼ିଥିବା ଶିକ୍ଷକ-ଶିକ୍ଷୟିତ୍ରୀମାନେ ଆଜି ମାଲକାନଗିରିସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଚାଲିଥିବା କାଉନସେଲିଂକୁ ବିରୋଧ କରି ଧାରଣା ଦେଇଥିଲେ । ପଦୋନ୍ନତି ପ୍ରକ୍ରିୟାରେ ଅନିୟମିତତା ଏବଂ ନିଜ ନାମକୁ ବାଦ ଦିଆଯାଇଥିବା ଅଭିଯୋଗ ଉଠାଇ ସେମାନେ ତୁରନ୍ତ କାଉନସେଲିଂ ବନ୍ଦ କରିବା ସହ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଥିଲେ ।ଦୀର୍ଘ ସମୟ ଧରି ଧାରଣା ଚାଲିବା ପରେ ଶିକ୍ଷକ ସଂଘର ସଭାପତି ନୀଳକଣ୍ଠ ବେହେରାଙ୍କ ନେତୃତ୍ୱରେ ଆନ୍ଦୋଳନକାରୀମାନେ ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ସହ ଆଲୋଚନା କରିଥିଲେ । ଶିକ୍ଷକମାନେ ପଦୋନ୍ନତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଅନଲାଇନ୍ ଓ ଲିଖିତ ଭାବେ ଶିକ୍ଷା ବିଭାଗକୁ ପ୍ରଦାନ କରିଥିବା ସତ୍ତ୍ୱେ ସେମାନଙ୍କୁ ପଦୋନ୍ନତିରୁ ବଞ୍ଚିତ କରାଯାଇଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ।

ମୋହନାର ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଲେ ନିରଞ୍ଜନ ପୂଜାରୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ବିପନ୍ନଙ୍କୁ ସହାୟତା ଦାବି



ପାରଳାଖେମୁଣ୍ଡି (ମହାଭାରତ): ବାତ୍ୟା ଓ ଲଗାଣ ବର୍ଷାରେ ଗଜପତି ଜିଲ୍ଲାର ମୋହନା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଏହି ପ୍ରତିନିଧି ଦଳ ମୋହନା ନିର୍ବାଚନମଣ୍ଡଳୀର ବିଭିନ୍ନ କ୍ଷତିଗ୍ରସ୍ତ ପଞ୍ଚାୟତ ଗସ୍ତ କରିଥିଲେ । ଗସ୍ତ ଅବସରରେ ଖଜୁରୀପଦା, ମହେନ୍ଦ୍ରଗଡ଼ ଓ ଉଦୟଗିରି ସମେତ ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରି ବାତ୍ୟା ଅର୍ଣ୍ଣବ ଓ ଆକଭାନ ସହ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ଚାଷଜମି ଓ ଅନ୍ୟାନ୍ୟ ଅଞ୍ଚଳର ସ୍ଥିତି ଦେଖିଥିଲେ । ଏଥିସହ ଚାଷୀ, ଗ୍ରାମବାସୀ ଓ ପ୍ରଭାବିତ ପରିବାରଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଦାବି ଶୁଣିଥିଲେ । ଫସଲ ନଷ୍ଟ ଯୋଗୁଁ ଚାଷୀମାନେ ଆର୍ଥିକ ସଙ୍କଟରେ ପଡ଼ିଥିବା ବେଳେ ବିପନ୍ନ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ଉପରେ ନେତାମାନେ ଗୁରୁତ୍ୱ ଦେଇଥିଲେ । ଅଞ୍ଚଳ ପରିଦର୍ଶନ ପରେ ଉଭୟ ନେତା ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କୁ ସାକ୍ଷାତ କରି ବାତ୍ୟା ଓ ଲଗାଣ ବର୍ଷାରେ ହୋଇଥିବା କ୍ଷୟକ୍ଷତି ଏବଂ ବିପନ୍ନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । କ୍ଷତିଗ୍ରସ୍ତ ପ୍ରତ୍ୟେକ ପରିବାରକୁ ୫୦ କିଲୋଗ୍ରାମ ଚାଉଳ ସହ ୨୫୦୦ ଟଙ୍କା ରିଲିଫ୍ ସହାୟତା ପ୍ରଦାନ ପାଇଁ ଦାବି ଜଣାଇଥିଲେ । ଏଥିସହ କ୍ଷତିଗ୍ରସ୍ତ ଚାଷୀଙ୍କ ଫସଲ ହାନିର ସଠିକ୍ ଆକଳନ କରି ଉଚିତ କ୍ଷତିପୂରଣ ଦେବାକୁ ମଧ୍ୟ ଅନୁରୋଧ କରିଥିଲେ । ଏହି ଦାବିଗୁଡ଼ିକୁ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରି ବିପନ୍ନଙ୍କୁ ଆଶ୍ୱସ୍ତି ଯୋଗାଇବା ପାଇଁ ପଦକ୍ଷେପ ନେବାକୁ ସେମାନେ ଜିଲ୍ଲାପାଳଙ୍କୁ କହିଥିଲେ । ଏହି ଗସ୍ତରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ବିଜେଡି ନେତା ଜେମସ୍ ରାଇକା, ଜିଲ୍ଲା ପରିଷଦ ସଦସ୍ୟ ଏସ୍. ବାଲାରାଜୁ, ସ୍ଥାନୀୟ ସରପଞ୍ଚ, ସମିତି ସଦସ୍ୟ ଓ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ । କ୍ଷତିଗ୍ରସ୍ତଙ୍କ ସମସ୍ୟାକୁ ପ୍ରଶାସନ ଓ ସରକାରଙ୍କ ନିକଟରେ ଉଠାଇବା ସହ ଚାଷୀ ଓ ବିପନ୍ନ ପରିବାରଙ୍କୁ ନ୍ୟାୟସଙ୍ଗତ ସହାୟତା ପ୍ରଦାନ ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୭ତମ ଜୟନ୍ତୀ ସମାରୋହ

ଧାମନଗର(ମହାଭାରତ) ଧାମନଗର ମହତାବ ସେବାସଦନ ପରିସରରେ ନବ ଉତ୍କଳର ନିର୍ମାତା,ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ,ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୭ ତମ ଜୟନ୍ତୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାର ଗର୍ବ ଗୌରବ ଡକ୍ଟର ମହତାବ ଓଡ଼ିଶା ରାଜନୀତିର ଚାଣକ୍ୟ ଥିଲେ ।ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଅବିସ୍ମରଣୀୟ ଏବଂ ନୂତନ ଓଡ଼ିଶା ଗଠନରେ ତାଙ୍କର ଭୂମିକାକୁ ଓଡ଼ିଆ ଜାତି ଭୁଲିପାରିବନାହିଁ ବୋଲି ଅତିଥି ମାନେ ମତବ୍ୟକ୍ତ କରିବାସହ ପ୍ରସ୍ତାବିତ ଭଦ୍ରକ ବିଶ୍ୱବିଦ୍ୟାଳୟ ଓ ମେଡିକାଲ କଲେଜ ଡକ୍ଟର ମହତାବଙ୍କ ନାମରେ ନାମିତ କରିବାକୁ ଦାବି କରିଥିଲେ । ଶନିବାର ପୂର୍ବାହ୍ନରେ ଧାମନଗର ମହତାବ ସେବାସଦନ ପରିଚାଳକ ସାମ୍ବାଦିକ ବାସୁଦେବ ତ୍ରିପାଠୀଙ୍କ ଆବାହକତ୍ୱରେ ଏବଂ ବରିଷ୍ଠ ସାମ୍ବାଦିକ ଅନିଲ କୁମାର ବାରିକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ପରିଷଦ ର ସମ୍ପାଦକ ସଚିକାନ୍ତ ପଣ୍ଡା ସଭାପତିତ୍ୱ କରିଥିଲେ ଓଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ ଯୋଗଦେଇଥିବାବେଳେ ବିଶିଷ୍ଟ ଅତିଥି ଭାବେ ଧାମନଗର ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ,ସାଂସଦଙ୍କ ପ୍ରତିନିଧି ସରୋଜ କୁମାର ମହାପାତ୍ର,ଧାମନଗର ଓକିଲ ସଂଘର ସଭାପତି ଅଶୋକ କୁମାର ଦାସ,କଂଗ୍ରେସ ନେତା ସଞ୍ଜୟ କୁମାର ମିଶ୍ର,ଶିକ୍ଷାବିତ ମହେଶ୍ୱର ସ୍ୱାଇଁ,ସମାଜସେବୀ ପ୍ରତାପ ସାମଲ ଓ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ସେକ ଜୟନୁଲ ଆବେଦିନ,ଶିକ୍ଷାବିତ ହୃଦାନନ୍ଦ କର, ଅଭିମନ୍ୟୁ ମଲ୍ଲିକ,ସେକ ଅବଦୁଲ ହାକିମ,ମନୋଜ ସିଂହ,ସମାଜସେବୀ ପ୍ରଭାକର ପଣ୍ଡା,ବିରେନ୍ଦ୍ର କୁମାର ଜେନା,ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା,ସେକ ଜାଫର ଅଲ୍ଲୀ,ସୁଶାନ୍ତ କୁମାର ରାଉତ,ଗୋଲାମ ଜିଲାନି ହବିବି,ସରୋଜ କୁମାର ସେଠୀ,କୈଳାସ ଚନ୍ଦ୍ର ଗୁପ୍ତା,କୁମାରେଶ ଖିଲାର,ପ୍ରମୋଦ କୁମାର ସ୍ୱାଇଁ,ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଡକ୍ଟର ମହତାବଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ସାମ୍ବାଦିକ ପ୍ରଦୀପ କୁମାର ମହାପାତ



ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ




ବିହାରରେ ମୋଦୀଙ୍କ ବଡ଼ ଉପହାର

ଉଦ୍‌ଘାଟନ ହେଲା 'ନୀତୀଶ ସେତୁ'

- ନାମକରଣକୁ ନେଇ ବିବାଦ
- ୩୪,୪୭୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ
- ୯.୬୬ କିଲୋମିଟର ଲମ୍ବର ୬ ଲେନ୍ ବିଶିଷ୍ଟ ସେତୁର ଉଦ୍‌ଘାଟନ

ପାଟନା,୨୧।୧୧: ବିହାର ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପାଟନା ବିମାନବନ୍ଦରରେ ପହଞ୍ଚିବା ପରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ତାଙ୍କୁ ସ୍ୱାଗତ କରିଥିଲେ । ଉଭୟ ନେତା ପରସ୍ପରକୁ ଆଲିଙ୍ଗନ କରିବା ସହ ହାତ ମିଳାଇଥିଲେ । ଏହି ସାକ୍ଷାତର ଫଟୋ ନିଜ ସୋସିଆଲ ମିଡିଆ ଆକାଉଣ୍ଟ ଏକ୍ସରେ ସେୟାର କରିଥିଲେ ପ୍ରଧାନମନ୍ତ୍ରୀ । ଏହାପରେ ବୈଶାଳୀରେ ପହଞ୍ଚି ପ୍ରାୟ ୩୪,୪୭୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ, ଲୋକାର୍ପଣ ଓ ଶିଳାନ୍ୟାସ କରିଥିଲେ । ଏଥିମଧ୍ୟରେ ରହିଥିଲା ବହୁ ପ୍ରତୀକ୍ଷିତ ୬ ଲେନ୍ ବିଶିଷ୍ଟ 'ନୀତୀଶ ସେତୁ' । ପାଟନା ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସ୍ୱାଗତ କରିଥିଲେ ନୀତୀଶ କୁମାର । ଉଭୟଙ୍କ ମଧ୍ୟରେ ସୌଜନ୍ୟମୂଳକ ସାକ୍ଷାତ ସମୟରେ ଆଲିଙ୍ଗନ





ଓ ହାତ ମିଳାଇବାର ଦୃଶ୍ୟ ସାମ୍ନାକୁ ଆସିଥିଲା । ଏହାକୁ ନେଇ ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରି ଲେଖିଥିଲେ, 'ପାଟନା ବିମାନବନ୍ଦରରେ ନୀତୀଶ କୁମାର ଜୀଙ୍କୁ ଭେଟି ଅତ୍ୟନ୍ତ ଖୁସି ଲାଗିଲା ।' ବୈଶାଳୀ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ମୋଦୀ ୩୪,୪୭୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ, ଲୋକାର୍ପଣ ଓ ଶିଳାନ୍ୟାସ କରିଥିଲେ । ଏହି ଅବସରରେ କଚ୍ଚି ଦରଗାହ-ବିଦୁପୁର ମଧ୍ୟରେ ନିର୍ମିତ ୯.୬୬ କିଲୋମିଟର ଲମ୍ବର ୬ ଲେନ୍ ବିଶିଷ୍ଟ ସେତୁର ଉଦ୍‌ଘାଟନ କରିଥିଲେ । ଏହି ସେତୁ ବୈଶାଳୀ ଜିଲ୍ଲାର ବିଦୁପୁର ବ୍ଲକ୍‌କୁ ପାଟନାର ବାହାର ଅଞ୍ଚଳ କଚ୍ଚି ଦରଗାହ ସହ ଯୋଡ଼ିବ । ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନାମ ଅନୁସାରେ ଏହାର ନାମ 'ନୀତୀଶ ସେତୁ' ରଖାଯାଇଛି । ତେବେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସମୟରେ ନୀତୀଶ କୁମାର ଉପସ୍ଥିତ ନଥିଲେ। କାର୍ଯ୍ୟକ୍ରମରେ ବିହାର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ ସୟଦ ଅତା ହସନୈନ, କେନ୍ଦ୍ରମନ୍ତ୍ରୀ ଚିରାଗ ପାସୱାନ ଓ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ସମେତ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ । 'ନୀତୀଶ ସେତୁ' ନାମକରଣକୁ ନେଇ ବିହାର ରାଜନୀତିରେ ଚର୍ଚ୍ଚା ଆରମ୍ଭ ହୋଇଛି । କଂଗ୍ରେସ ନେତା ପବନ ଖେଡ଼ା ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଦଶମ ଶିଖ୍ ଗୁରୁ ଗୋବିନ୍ଦ ସିଂହଙ୍କ ନାମ ପରିବର୍ତ୍ତେ ନୀତୀଶ କୁମାରଙ୍କ ନାମରେ ସେତୁର ନାମକରଣ କରାଯିବାକୁ ସେ ସମାଲୋଚନା କରିଛନ୍ତି। ତାଙ୍କ କହିବା ଅନୁସାରେ, ଏଭଳି ନାମ ପରିବର୍ତ୍ତନ ଶିଖ୍ ସମ୍ପ୍ରଦାୟର ଭାବନାକୁ ଆଘାତ ଦେଇପାରେ । ଏଥିସହ ବିଜେପି ନୀତୀଶ କୁମାରଙ୍କୁ ରାଜନୈତିକ ମୁଖ୍ୟଧାରାରୁ ଦୂରେଇ ରଖିବାକୁ ଉଦ୍ୟମ କରୁଛି କି ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି ।

ରକ୍ତ ସମ୍ପର୍କୀୟଙ୍କ ମଧ୍ୟରେ ବିବାହ ମନା

ସୁପ୍ରିମକୋର୍ଟ କେନ୍ଦ୍ର ଠାରୁ ମାଗିଲେ ଜବାବ

ନୂଆଦିଲ୍ଲୀ,୨୧।୧୧: ନିକଟ ରକ୍ତ ସମ୍ପର୍କୀୟଙ୍କ ମଧ୍ୟରେ ବିବାହ ସମ୍ପର୍କରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କଠାରୁ ଜବାବ ମାଗିଛନ୍ତି । ନିକଟ ରକ୍ତ ସମ୍ପର୍କୀୟଙ୍କ ମଧ୍ୟରେ ବିବାହ ଉପରେ ଚିନ୍ତା ପ୍ରକାଶ କରି କୋର୍ଟ କହିଛନ୍ତି ଯେ, ରକ୍ତ ସମ୍ପର୍କୀୟଙ୍କ ମଧ୍ୟରେ ବିବାହ କ୍ଷତିକାରକ ଏବଂ ଲୋକଙ୍କୁ ଏ ବିଷୟରେ ସଚେତନ କରାଯିବା ଉଚିତ । ବେଙ୍ଗାଲୁରୁର ଜଣେ ଦୃଷ୍ଟିହୀନ ଛାତ୍ରୀ ସୁପ୍ରିମକୋର୍ଟଙ୍କୁ କହିଥିଲେ ଯେ ତାଙ୍କ ପିତାମାତା ରକ୍ତ ସମ୍ପର୍କୀୟ ଏବଂ ସେମାନଙ୍କ ଯୋଗୁଁ ସେ ଜେନେଟିକ୍ ସମସ୍ୟାରେ ପୀଡିତ। ସୁପ୍ରିମ କୋର୍ଟ ମାମଲାର ଶୁଣାଣି କରି କହିଥିଲେ ଯେ କୋର୍ଟ ଏପରି ବିବାହକୁ ନିଷିଦ୍ଧ କରିପାରିବେ ନାହିଁ । ତଥାପି, ଏହା ସମ୍ପର୍କରେ ଏକ ଆଇନ ପ୍ରଣୟନ କରାଯାଇପାରିବ, ଏବଂ ଏହା ସଂସଦର ପରିସରଭୁକ୍ତ । ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଏକ ନୋଟିସ ଜାରି କରି ପଚାରିଥିଲେ ଯେ ଏପରି ବିବାହକୁ ରୋକିବା ପାଇଁ କୌଣସି ଆଇନ ପ୍ରଣୟନ କରାଯାଇପାରିବ କି ରକ୍ତ ସମ୍ପର୍କୀୟଙ୍କ ସହିତ ବିବାହ ଜଡିତ ସମସ୍ୟାଗୁଡ଼ିକୁ ସୁପ୍ରିମକୋର୍ଟ ସ୍ୱୀକାର କରିଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଯେ



କାହାକୁ ବିବାହ କରିବା ଏକ ବ୍ୟକ୍ତିଗତ ପସନ୍ଦ ଏବଂ ଏହାକୁ ନିଷେଧ କରାଯାଇପାରିବ ନାହିଁ । ତଥାପି, ନିକଟ ରକ୍ତ ସମ୍ପର୍କୀୟଙ୍କ ସହିତ ବିବାହ କରିବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ ବୋଲି ଅସ୍ୱୀକାର କରାଯାଇପାରିବ ନାହିଁ । ତେଣୁ, ଲୋକମାନେ ଏ ବିଷୟରେ ସଚେତନ ହେବା ଉଚିତ । ସୁପ୍ରିମକୋର୍ଟ ଆହୁରି କହିଛନ୍ତି ଯେ କେନ୍ଦ୍ର ସରକାର ଏହି ପ୍ରଥାକୁ ରୋକିବା ପାଇଁ ପଦକ୍ଷେପ ନେବା ଉଚିତ କିମ୍ବା ଜନସଚେତନତା ବୃଦ୍ଧି କରିବା ଉଚିତ । ଆବେଦନକାରୀ ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ ଯେ ଦକ୍ଷିଣ ରାଜ୍ୟଗୁଡ଼ିକରେ ନିକଟ ରକ୍ତ ସମ୍ପର୍କୀୟଙ୍କ ମଧ୍ୟରେ ବିବାହ ଅଧିକ ପ୍ରଚଳିତ, ଯାହା ପ୍ରାୟ ୩୦% । ଏହା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ । ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଏହି ପ୍ରସଙ୍ଗ ବିଷୟରେ ଅଙ୍ଗନୱାଡି କିମ୍ବା ପଞ୍ଚାୟତ ସ୍ତରରେ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ । ସେ ଆହୁରି କହିଛନ୍ତି ଯେ ଏହା ପଛରେ ଥିବା ବୈଜ୍ଞାନିକ ଯୁକ୍ତି ଏବଂ ତର୍କକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବା ଉଚିତ ।

ବିଷାକ୍ତ ମଦର କରାଳ ରୂପ

୬ ରାଜ୍ୟରେ ଗଲାଣି ୧୨୬ ଜୀବନ, ମଧ୍ୟପ୍ରଦେଶରେ ସର୍ବାଧିକ ମୃତ୍ୟୁ

ନୂଆଦିଲ୍ଲୀ,୨୧।୧୧: ଦେଶରେ ବିଷାକ୍ତ ମଦର କରାଳ ରୂପ । ମଦ ପିଇ ଚାଲିଯାଉଛି ନିରୀହ ଜୀବନ । ମଣିପୁରର ଚନ୍ଦେଲ ଜିଲ୍ଲାରେ ବିଷାକ୍ତ ମଦ ପିଇ ୧୫ ଜଣଙ୍କ ମୃତ୍ୟୁ ହେବା ପରେ ପୁଣି ସାମ୍ନାକୁ ଆସିଛି ଦେଶରେ ଅବୈଧ ମଦ କାରବାରର ଭୟାବହ ଚିତ୍ର । ଏହି ଘଟଣାରେ ୬୦୦ରୁ ଅଧିକ ଲୋକ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ୨୦୨୬ର ତାଜା ତଥ୍ୟ ଅନୁସାରେ, ଦେଶର ୬ଟି ରାଜ୍ୟରେ ବିଷାକ୍ତ ମଦ ପିଇ ଏଯାଏଁ ମୋଟ ୧୨୬ ଜଣଙ୍କ ଜୀବନ ଯାଇଛି । ଏହି ତାଲିକାରେ ସର୍ବାଧିକ ୫୧ ମୃତ୍ୟୁ ସହ ମଧ୍ୟପ୍ରଦେଶ ପ୍ରଥମ ସ୍ଥାନରେ ରହିଛି । ତେବେ ମଦ ଉପରେ ସମ୍ପୂର୍ଣ୍ଣ କିମ୍ବା ଆଂଶିକ କଟକଣା ଥିବା ରାଜ୍ୟଗୁଡ଼ିକରେ ମଧ୍ୟ ବେଆଇନ ମଦ କାରବାର ଜାରି ରହିବା ଚିନ୍ତା ବଢ଼ାଇଛି । ମଣିପୁରର ଚନ୍ଦେଲ ଜିଲ୍ଲାରେ ବିଷାକ୍ତ ମଦ ପିଇ ୧୫ ଜଣଙ୍କ ମୃତ୍ୟୁ ଘଟିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଗତ ୨ରୁ ୩ ଦିନ ମଧ୍ୟରେ ମଦ ପିଇବା ପରେ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ଆରମ୍ଭ ହୋଇଥିଲା । ଅସୁସ୍ଥ ଲୋକଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ପ୍ରଭାବିତ ଲୋକମାନେ ମଣିପୁରର କାକଚିଂ ଜିଲ୍ଲାର ସୁଗନୁ ଅଞ୍ଚଳରୁ ମଦ କିଣିଥିଲେ। ମଦରେ ମିଥାନଲ୍ ମିଶାଯାଇଥିବା ସନ୍ଦେହ କରାଯାଉଛି। ଏହି ଘଟଣାରେ ପୁଲିସ ଏଯାଏଁ ପ୍ରାୟ ୧୦ ଜଣଙ୍କୁ ଗିରଫ କରିଛି ।

ଆଇଆଇଟି ଖଡ଼ଗପୁରରେ ଦେଶର ବିକାଶ ଯାତ୍ରା ବଖାଣିଲେ ମୋଦୀ

କୋଲକାତା, ୨୧।୧୧: ଗତ ୭୫ ବର୍ଷ ମଧ୍ୟରେ ଭାରତରେ ଘଟିଛି ବଡ଼ ପରିବର୍ତ୍ତନ । ବଳଦ ଗାଡ଼ିରୁ ବୁଲେଟ୍ ଟ୍ରେନ୍ ଏବଂ ଡାକ ଚିଠିରୁ ସୋସିଆଲ ମିଡିଆ ମେସେଜ୍ ପର୍ଯ୍ୟନ୍ତ ପହଞ୍ଚିଛି ଦେଶ । ଏଭଳି କିଛି କହି ଭାରତର ବିକାଶ ଓ ବୈଷୟିକ ପ୍ରଗତିର ଚିତ୍ର ରଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଶନିବାର ପଶ୍ଚିମବଙ୍ଗର ଆଇଆଇଟି ଖଡ଼ଗପୁରର ୭୫ତମ ପ୍ରତିଷ୍ଠା ଦିବସ ତଥା ପ୍ଲାଟିନମ୍ ଜୁବଲି ସମାରୋହରେ ଯୋଗଦେଇ ଏଭଳି କହିଛନ୍ତି ପ୍ରଧାନମନ୍ତ୍ରୀ । ଏହି ସମାରୋହରେ ଛାତ୍ରଛାତ୍ରୀ, ପ୍ରଫେସର ଓ ପୂର୍ବତନ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ମୋଦୀ କହିଛନ୍ତି, ଏହି ମଞ୍ଚରେ ଭାରତର ଅତୀତ,



ବର୍ତ୍ତମାନ ଓ ଭବିଷ୍ୟତ ଏକାଠି ହୋଇଛି । ଏହା କେବଳ ଅନୁଷ୍ଠାନର ୭୫ ବର୍ଷର ଗୌରବମୟ ଯାତ୍ରାକୁ ମନେ ପକାଇବାର ଅବସର ନୁହେଁ, ବରଂ ଆଗାମୀ ଦିନରେ ଦେଶର ଦିଗ ନିର୍ଦ୍ଧାରଣ କରିବାକୁ ଥିବା ନୂଆ ଉଦ୍ଭାବନ ଓ ଉପଲବ୍ଧି ଉପରେ ଚର୍ଚ୍ଚା କରିବାର ସୁଯୋଗ । ସମାରୋହରେ ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ପହଞ୍ଚିଥିବାରୁ ନିଜ ଅଭିଭାଷଣ ଆରମ୍ଭରୁ ହିଁ ଉପସ୍ଥିତ ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କୁ କ୍ଷମା ମାଗିଥିଲେ ପ୍ରଧାନମନ୍ତ୍ରୀ । ଖରାପ ପାଗ ଯୋଗୁଁ ଠିକ୍ ସମୟରେ ପହଞ୍ଚି ପାରିନଥିବା ସେ କହିଥିଲେ। ମୋଦୀ କହିଥିଲେ, ପାଗ ଖରାପ ଥିବାରୁ ମୁଁ ଠିକ୍ ସମୟରେ ପହଞ୍ଚିପାରିଲି ନାହିଁ । ଏହାପରେ ସଡ଼କ ପଥରେ ଯଥାଶୀଘ୍ର ଆସିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଳମ୍ବ ହୋଇଗଲା । ପ୍ରଧାନମନ୍ତ୍ରୀ କଳାଇକୁଣ୍ଡା ବାୟୁସେନା ଘାଟିରେ ଅବତରଣ କରିବା ପରେ ସଡ଼କ ପଥରେ ଆଇଆଇଟି ଖଡ଼ଗପୁର କ୍ୟାମ୍ପସରେ ପହଞ୍ଚିଥିଲେ । ପଶ୍ଚିମବଙ୍ଗର ମାଟି ସବୁବେଳେ ନୂଆ ବିଚାର, ଚିନ୍ତନ ଓ ଉଦ୍ଭାବନକୁ ପ୍ରୋତ୍ସାହନ ଦେଇ ଆସିଛି ବୋଲି କହିଥିଲେ ପ୍ରଧାନମନ୍ତ୍ରୀ । ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଦେଶର ପ୍ରତିଭାଶାଳୀ ଓ ଆକାଂକ୍ଷୀ ଯୁବପିଢ଼ି ବୋଲି ଅଭିହିତ କରିଥିଲେ । ଯୁବପିଢ଼ିଙ୍କ ନୂତନ ଚିନ୍ତାଧାରା, ନବସୃଜନ ଓ କଠିନ ପରିଶ୍ରମ ହିଁ ଭାରତର ଭବିଷ୍ୟତ ଲକ୍ଷ୍ୟ ପୂରଣ କରିବାରେ ସହାୟକ ହେବ ବୋଲି ସେ କହିଥିଲେ ।

ଭାରତର ୪ ରାଫେଲ ଯୁଦ୍ଧବିମାନ ନିଖୋଜ

ନୂଆଦିଲ୍ଲୀ,୨୧।୧୧: ଭାରତୀୟ ବାୟୁସେନାର ୩୬ ରାଫେଲ ଯୁଦ୍ଧବିମାନ ମଧ୍ୟରୁ ୪ଟି କମ୍ ରହିଥିବା ନେଇ ବ୍ରିଟିଶ୍ ବିମାନ ଚଳାଚଳ ସଂସ୍ଥାର ଏକ ପତ୍ରିକାରେ ରିପୋର୍ଟ କରାଯାଇଥିବାବେଳେ ବାୟୁସେନାର ପୂର୍ବତନ ଉପମୁଖ୍ୟ ଏୟାର ମାର୍ଶାଲ ନର୍ମଦେଶ୍ୱର ତିୱାରୀ ଏହାକୁ ଅଗ୍ରାହ୍ୟ କରିଛନ୍ତି। ଗତବର୍ଷ ଅପରେଶନ ସିନ୍ଦୂର ସମୟରେ ତିୱାରୀ ବାୟୁସେନାରେ ଉପମୁଖ୍ୟ ଭାବେ ଅବସ୍ଥାପିତ ଥିଲେ। ରିପୋର୍ଟ ଅନୁଯାୟୀ ଭାରତ ବର୍ତ୍ତମାନ ସୁଦ୍ଧା ଫ୍ରାନ୍ସରୁ ୩୬ଟି ରାଫେଲ ଯୁଦ୍ଧବିମାନ କିଣିଛି। ତେବେ ଫ୍ଲାଇଟ୍‌ଗ୍ଲୋବାଲର ସଦ୍ୟ ବିଶ୍ୱ ବାୟୁସେନା ଅଭିଧାନରେ ଭାରତରେ କାର୍ଯ୍ୟକାରୀ ଥିବା ରାଫେଲ ସଂଖ୍ୟା ୩୨ ଦେଖାଉଥିବାରୁ ଏହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ତେବେ ରାଫେଲ ଜେଟ୍ ସଂଖ୍ୟା ହ୍ରାସ ସମ୍ପର୍କରେ ଏହି ସଂସ୍ଥା କୌଣସି ସ୍ୱଷ୍ଟୀକରଣ କିମ୍ବା ପ୍ରମାଣ ଦେଇନାହିଁ। ଅବସରପ୍ରାପ୍ତ ଏୟାର ମାର୍ଶାଲ ନର୍ମଦେଶ୍ୱର ତିୱାରୀ ଉକ୍ତ ସଂଖ୍ୟାକୁ ସମ୍ପୂର୍ଣ୍ଣ ଭୁଲ୍ ବୋଲି କହିବା ସହ ଆଭିଏଶନ ମାଗାଜିନ୍‌ର ସୂତ୍ରର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଅପରେଶନ ସିନ୍ଦୂର ପରେ ଫ୍ଲାଇଟ୍ ଗ୍ଲୋବାଲ ଗତବର୍ଷ ପ୍ରକାଶ କରିଥିବା ରିପୋର୍ଟରେ ୩୫ଟି ସକ୍ରିୟ ରାଫେଲ ଥିବା ଦର୍ଶାଇଥିଲା। ଫ୍ଲାଇଟ ଗ୍ଲୋବାଲ ଏହାର ସୂତ୍ରଗୁଡ଼ିକର ପୁନଃ ମୂଲ୍ୟାୟନ କରୁ ବୋଲି ତିୱାରୀ 'ତ'ରେ ଲେଖିଛନ୍ତି। ସେହି ସମାନ ସୂତ୍ରଗୁଡ଼ିକ ଗତବର୍ଷ ପାକିସ୍ତାନ ସହ ସଂଘର୍ଷ ସମୟରେ ଖସାଇ ଦିଆଯାଇଥିବା ତଥାକଥିତ ରାଫେଲ ବିମାନର ଟେଲ୍ ନମ୍ବର ଦେଇଥିଲେ। ତେବେ ସେହି ଟେଲ୍ ନମ୍ବର ଥିବା ଯୁଦ୍ଧବିମାନ ବିଭିନ୍ନ ଅନ୍ତର୍ଜାତୀୟ ସମରାଭ୍ୟାସରେ ଭାଗ ନେଉଥିବା ବାୟୁସେନାର ପୂର୍ବତନ ଉପମୁଖ୍ୟ କହିଛନ୍ତି।

ପାନ୍‌କ୍ରିଆଟିକ୍ କ୍ୟାନ୍‌ସର ଚିକିତ୍ସାରେ ମିଳିଲା ସଫଳତା




ୱାଶିଂଟନ,୨୧।୧୧: ପାନ୍‌କ୍ରିଆଟିକ୍ କ୍ୟାନ୍ସରର ଚିକିତ୍ସା ଲାଗି ଡାରାକ୍ସୋନରାସିବ୍ ନାମକ ଏକ ପିଲ୍(ବଟିକା)ର କ୍ଲିନିକାଲ ଟ୍ରାୟଲରୁ ଉତ୍ସାହଜନକ ପରିଣାମ ମିଳିଛି। ଆଡଭାନ୍‌ସଡ୍ ପାନ୍‌କ୍ରିଆଟିକ୍ କ୍ୟାନ୍ସର ଚିହ୍ନଟ ହୋଇଥିବା ପ୍ରାୟ ୬୧ ଜଣ ରୋଗୀଙ୍କ ଉପରେ ଦେଢ଼ ବର୍ଷ ଧରି ଏହି ଟ୍ରାଏଲ କରାଯାଇଥିଲା। ପ୍ରାଥମିକ ପରୀକ୍ଷଣରେ କେମୋଥେରାପି ସହ ଦୈନିକ ଏହି ପିଲ୍‌କୁ ଖାଇଥିବା ପ୍ରତି ୧୨ ଜଣ ରୋଗୀଙ୍କ ମଧ୍ୟରୁ ଜଣଙ୍କ କ୍ଷେତ୍ରରେ ସିଟି ସ୍କାନ୍‌ରେ କ୍ୟାନ୍ସରର କୌଣସି ସ୍ପଷ୍ଟ ସଙ୍କେତ ଦେଖାଯାଇନଥିବା ଜଣାପଡ଼ିଛି। ସେହିପରି ୯୦ ପ୍ରତିଶତ ରୋଗୀଙ୍କ ନିକଟରେ ଟ୍ୟୁମରର ବୃଦ୍ଧି ବନ୍ଦ ହୋଇଯାଇଥିଲା। ୬୦ ପ୍ରତିଶତ ରୋଗୀଙ୍କ କ୍ଷେତ୍ରରେ ଟ୍ୟୁମର ସଙ୍କୁଚିତ ହୋଇଯାଇଥିଲା। ଟ୍ରାଏଲରେ ସଂପୃକ୍ତ ଥିବା ଆମେରିକାର ମେମୋରିଆଲ ସ୍ଲୋଆନ୍ କେଟରିଙ୍ଗ କ୍ୟାନ୍ସର ସେଣ୍ଟରର ଡାକ୍ତର ୱିଙ୍କି ପାର୍କ ଏହି ଫଳାଫଳକୁ ଅତି ଉତ୍ସାହଜନକ ଦର୍ଶାଇଛନ୍ତି। ତେବେ ଏହାକୁ ଉପଚାର ବୋଲି ବ୍ୟାପକ ଅଧ୍ୟୟନ ଜରୁରି ବୋଲି ସେମାନେ କହିଛନ୍ତି। ସୂଚନାଥାଉକି, ପାନ୍‌କ୍ରିଆଟିକ୍ କ୍ୟାନ୍ସରର ଅଧିକାଂଶ ମାମଲାରେ କୋଷିକାକୁ ଅନିୟନ୍ତ୍ରିତ ଭାବେ ବଢ଼ାଉଥିବା ରାସ୍ ପ୍ରୋଟିନ୍ ସିଗନାଲକୁ କମ୍ ରୋକିବାକୁ ଡାରାକ୍ସୋନରାସିବ୍‌କୁ ଏକ ଟାର୍ଗେଟେଡ୍ ପିଲ୍ ଭାବେ ବ୍ୟବହାର କରାଯାଏ। ଆମେରିକାରେ କିଛି ନିର୍ଦ୍ଦିଷ୍ଟ ମାମଲାରେ ଏହାକୁ ବ୍ୟବହାର ଲାଗି ଅନୁମତି ମିଳିଛି।

ନିଟ୍-ୟୁଜି ୨୦୨୬ ପେପର ଲିକ୍ ମାମଲା

୧୪ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ୍

ନୂଆଦିଲ୍ଲୀ,୨୧।୧୧: ଡାକ୍ତରୀ ପ୍ରବେଶିକା ପରୀକ୍ଷା ଘରଞ୍ଜ-ଟଏ ୨୦୨୬ ପେପର ଲିକ୍ ମାମଲାରେ ବଡ଼ ଆକ୍ସନ୍। ୧୪ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିଛନ୍ତି ଦିଲ୍ଲୀର ଏକ ସ୍ପେଶ୍ୟାଲ କୋର୍ଟ। ଏହା ସହ ମାମଲାରେ ଟ୍ରାଏଲ୍ ପ୍ରକ୍ରିୟା ଆଗକୁ ବଢ଼ିବାର ରାସ୍ତା ଖୋଲିଛି। ତେବେ କୋର୍ଟରେ ହାଜର ହୋଇଥିବା ସମସ୍ତ ୧୪ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିନାହାନ୍ତି। ସେମାନେ ନିଜକୁ ନିର୍ଦ୍ଦୋଷ କହିବା ସହ ମାମଲା ଲଢ଼ିବେ ବୋଲି କହିଛନ୍ତି। ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟର ସ୍ୱତନ୍ତ୍ର ବିଚାରପତି ଅଜୟ ଗୁପ୍ତାଙ୍କ ଅଦାଲତରେ ଶନିବାର ଏହି ଚାର୍ଜଫ୍ରେମ୍ ପ୍ରକ୍ରିୟା ହୋଇଛି। ଏହି ମାମଲାରେ ଅପରାଧିକ ଷଡ଼ଯନ୍ତ୍ର, ଠକେଇ, ବିଶ୍ୱାସଭଙ୍ଗ, ପ୍ରମାଣ ନଷ୍ଟ କରିବା ଭଳି ସଙ୍ଗୀନ ଅଭିଯୋଗ ରହିଛି। ଏହାସହ ଦୁର୍ନୀତି ନିବାରଣ ଆଇନ ଏବଂ ପବ୍ଲିକ୍ ଏଗଜାମିନେସନ୍ (ପ୍ରିଭେନସନ୍ ଅଫ୍ ଅନଫେୟାର ମିନ୍ସ) ଆଇନ, ୨୦୨୪ ଅନୁଯାୟୀ ମଧ୍ୟ ଅଭିଯୋଗ ଲାଗିଛି। ସୂଚନା ଅନୁସାରେ, ୨୦୨୬ ମେ' ୩ ତାରିଖରେ ଘରଞ୍ଜ-ଟଏ ପରୀକ୍ଷା ହୋଇଥିଲା। ଦେଶର ପ୍ରାୟ ୨୨ ଲକ୍ଷ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଥିଲେ। ହେଲେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ସାମ୍ନାକୁ ଆସିବା ପରେ ମେ' ୧୨ ତାରିଖରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଘଞ୍ଚଇ) ପରୀକ୍ଷାକୁ ବାତିଲ୍ କରିଥିଲା। ପରେ ଜୁନ୍ ୨୧ ତାରିଖରେ ପୁନଃ ପରୀକ୍ଷା କରାଯାଇଥିଲା। ଏହି ପେପର ଲିକ୍ ମାମଲାର ତଦନ୍ତ କରୁଛି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଉଇଓ। ଏହି ଘଟଣାରେ ଉଇଓ ଦୁଇଟି ଚାର୍ଜସିଟ୍ ଦାଖଲ କରିଛି। ଜୁଲାଇ ୨୮ରେ ଦାଖଲ ପ୍ରଥମ ଚାର୍ଜସିଟ୍‌ରେ ୧୩ ଜଣଙ୍କ ନାଁ ରହିଥିଲା। ଏଥିରେ ଘଞ୍ଚଇ ସହ ଜଡ଼ିତ ତିନି ଜଣ ବିଷୟ ବିଶେଷଜ୍ଞ, କୋଚିଂ ସଂସ୍ଥା ସହ ଜଡ଼ିତ ଦୁଇ ଜଣ ଏବଂ ଅନେକ ମଧ୍ୟସ୍ଥିଙ୍କ ନାଁ ସାମିଲ ଥିଲା।

ଜମ୍ମୁ ସୀମାରେ ବୁଲୁଥିଲେ ପାକିସ୍ତାନ ଯୁବକ, ମାଡ଼ି ବସିଲେ ସୁରକ୍ଷାକର୍ମୀ



ନୂଆଦିଲ୍ଲୀ,୨୧।୧୧: ଜମ୍ମୁ-କଶ୍ମୀରର ଆରଏସ୍ ପୁରା ସେକ୍ଟର ସୀମାନ୍ତରେ ଘଟିଛି ବଡ଼ ଘଟଣା। ଆରଏସ୍ ପୁରା ସେକ୍ଟରର ଆର୍ନିଆ ସବ ସେକ୍ଟରରେ ଥିବା ଅନ୍ତର୍ଜାତୀୟ ସୀମାକୁ ଲାଗି

ଭୁବନେଶ୍ୱର, ରବିବାର ୨୨ ନଭେମ୍ବର ୨୦୨୬
Bhubaneswar, Sunday 23 November 2026
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ

ତୃତୀୟ ଦିନରେ ଭାରତୀୟ ବ୍ୟାଟରଙ୍କ ରାଜୁତି

ରାହୁଲଙ୍କ ଶତକ, ଗିଲ୍ ୯୮, ପଡିକଲ୍ ୮୮, ପନ୍ତ ଅପରାଜିତ ୫୫/ ଭାରତ ୪୮୬/୪



ୱେବଲିଂଟନ୍, ୨୧/୧୧: ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ୍ । ଓ୍ୱେଲିଂଟନରେ ତୃତୀୟ ଦିନର ଖେଳ ଶେଷ ହୋଇଛି । ଷଷ୍ଠ ଅପସାରଣ ବେଳକୁ ଭାରତ ୪ଟି ୱିକେଟ୍ ହରାଇ ୪୮୬ ରନ୍ କରିଛି । ଏଥିରେ ଟିମ୍ ଇଣ୍ଡିଆକୁ ୧୧୮ ରନ ଲିଡ୍ ମିଳିଛି । କେଏଲ୍ ରାହୁଲ ୧୩୬ ରନର ଶତକୀୟ ଇନିଂସ ଖେଳିଥିବା ବେଳେ ଅଧିନାୟକ ଶୁବମନ ଗିଲ୍ ୨ରନ୍ ପାଇଁ ଶତକରୁ ବଞ୍ଚିତ ହୋଇଛନ୍ତି । ସେହିପରି ଦେବଦତ୍ତ ପାଡିକ୍କଲ୍ ୮୮ ରନ ଜବରଦସ୍ତ ଇନିଂସ ଖେଳିଛନ୍ତି । ୱିକେଟ୍ କିପର ବ୍ୟାଟର ରିଷଭ ପନ୍ତ ୫୫ ରନ କରି ଅପରାଜିତ ରହିଛନ୍ତି । ପ୍ରଥମ ସେସନରେ ଭାରତ ୨୭ ଓଭରରେ କୌଣସି ୱିକେଟ୍ ହରାଇ ୮୦ ରନ ସଂଗ୍ରହ କରିଥିଲା । ସେହିପରି ଦ୍ୱିତୀୟ ସେସନରେ ଗୋଟିଏ ୱିକେଟ୍ ହରାଇ ୧୦୫ ରନ୍ ଏବଂ ତୃତୀୟ ସେସନରେ ଟିମ୍ ଇଣ୍ଡିଆ ରନ ହାର ବୃଦ୍ଧି କରିଥିଲା । ଦଳ ଶେଷ ୩୨ ଓଭରରେ ଦୁଇଟି ୱିକେଟ୍ ହରାଇ ସ୍କର ବୋର୍ଡରେ ୧୪୨ ରନ୍ ଯୋଡ଼ି ଥିଲା । ମ୍ୟାଚ୍‌ର ଚତୁର୍ଥ ଦିନରେ ଟିମ୍ ଇଣ୍ଡିଆ ୬୦୦ ରନ୍ ଅତିକ୍ରମ କରିବାକୁ ଚେଷ୍ଟା କରିବ ।

ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନରେ ନ୍ୟୁଜିଲାଣ୍ଡ ୩୬୮ ରନରେ ଅଲଆଉଟ୍ ହୋଇଥିଲା । ଦ୍ୱିତୀୟ ଦିନ ଷଷ୍ଠ ଅପସାରଣ ବେଳକୁ ଭାରତ ମଜଭୁତ ସ୍ଥିତିରେ ରହିଥିଲା । ଟିମ୍ ଇଣ୍ଡିଆର କାଉଣ୍ଟର ଆକାଟ୍ ଦେଖିବାକୁ ମିଳିଥିଲା । ଭାରତୀୟ ଓପନିଂ ଯୋଡ଼ିଙ୍କ ଦମଦାର ବ୍ୟାଟିଂ ଦେଖାଇଥିଲେ । କଏଲ୍ ରାହୁଲ ଏବଂ ନ୍ୟୁଜିଲାଣ୍ଡରେ ପ୍ରଥମ ଟେଷ୍ଟ ଖେଳୁଥିବା ଯଶସ୍ୱୀଙ୍କ ଚମତ୍କାର ବ୍ୟାଟିଂ କରିଥିଲେ । ଓପନର ଏକ ଦୃଢ ଏବଂ ଆକ୍ରମଣାତ୍ମକ ଆରମ୍ଭ କରିଥିଲେ । ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ଭାରତ ପ୍ରଥମ ଇନିଂସରେ ୧ ୱିକେଟ୍ ହରାଇ ୧୫୯ ରନ୍ କରିଥିଲା । କେଏଲ୍ ରାହୁଲ ୫୨ ରନ୍ ଏବଂ ଦେବଦତ୍ତ ପାଡିକ୍କଲ ୧୬ ରନ୍ ରେ ଅପରାଜିତ ରହିଥିଲେ ।

ତେବେ ତୃତୀୟ ଦିନରେ ୮୦ ରନ୍ କରି ଆଉଟ୍ ହେବା ପରେ ଟିମକୁ ଅଧିନାୟକ ଗିଲ୍ ଏବଂ କେଏଲ୍ ରାହୁଲ୍ ଆଗକୁ ନେଇଥିଲେ । ଉଭୟଙ୍କ ମଧ୍ୟରେ ଭଲ ଭାଗିଦାରୀ ହୋଇଥିଲେ । ପରେ ରାହୁଲ ୧୩୬ ରନ୍ କରି ଆଉଟ୍ ହୋଇଥିଲେ । ହେଲେ ଗିଲ୍ କୌଣସି ପ୍ରକାର ଚାନ୍ସ ନେଇ ନଥିଲେ । ପନ୍ତଙ୍କ ସହିତ ମିଶି ନ୍ୟୁଜିଲାଣ୍ଡ ଟିମ୍ ଲିଡ୍ ଦେବା ଆରମ୍ଭ କରିଥିଲେ । ଶେଷ ସେସନରେ ଅଧିନାୟକ ମାତ୍ର ୨ ରନରେ ଶତକ ମିସ୍ କରିଛନ୍ତି । ୯୮ ରନରେ ଆଉଟ ହୋଇଥିଲେ ଶୁବମନ ଗିଲ୍ । ଅନ୍ୟପଟେ ୱେଲିଂଟନରେ ରିଷବ ପନ୍ତଙ୍କ ଧମାକା ଦେଖିବାକୁ ମିଳିଛି । ସେ ଆଜି ୫୫ରନ ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି । ଯାହା ଫଳରେ ଟିମ୍ ଇଣ୍ଡିଆ ଘରୋଇ ଦଳକୁ ୧୧୮ ରନ୍ ର ଲିଡ୍ ଦେଇଛି ।

ନ୍ୟୁଜିଲ୍ୟାଣ୍ଡରେ ଇତିହାସ ରଚିଲେ ଭାରତୀୟ ବ୍ୟାଟର୍

ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ତୃତୀୟ ଦିନରେ ରେକର୍ଡ ସୃଷ୍ଟି କରିଛନ୍ତି ଭାରତୀୟ ବ୍ୟାଟର । ଭାରତର ୫ ଟପ ଅର୍ଡର ବ୍ୟାଟର ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟର ପ୍ରଥମ ଇନିଂସରେ ହାସଲ କରିଛନ୍ତି ଅର୍ଦ୍ଧଶତକ । ଦ୍ୱିତୀୟରେ ଦିନରେ ଯଶସ୍ୱୀ ଜୈସ୍ୱାଲ ଓ କେଏଲ ରାହୁଲ ଅର୍ଦ୍ଧଶତକ ମାରିଥିଲେ। ଆଜି ରାହୁଲ ନିଜର ଅର୍ଦ୍ଧଶତକକୁ ଶତକରେ ପରିଣତ କରିଥିବା ବେଳେ ଦେବଦତ୍ତ ପାଡିକ୍କଲ ୮୮, ଅଧିନାୟକ ଶୁବମନ ଗିଲ ୯୮ ଓ ରିଷଭ ପନ୍ତ ଅପରାଜିତ ୫୫ ରନ କରିଛନ୍ତି। ଭାରତର ୯୪ ବର୍ଷର ଟେଷ୍ଟ ଇତିହାସ ମଧ୍ୟରେ ପ୍ରଥମଥର ପାଇଁ କୌଣସିସେନା ଦେଶରେ ଏପରି ସଫଳତା ଦଳକୁ ମିଳିଛି। ଟେଷ୍ଟ କ୍ରିକେଟରେ ୧୨ତମଥର ପାଇଁ ଭାରତର ୪ କିମ୍ବା ୫ ଟପ ଅର୍ଡର ବ୍ୟାଟରମାନେ ୫୦ କିମ୍ବା ତା'ଠାରୁ ଅଧିକ ରନ କରିଯାଇଛନ୍ତି। ପୂର୍ବରୁ ୱେଷ୍ଟଇଣ୍ଡିଜ ବିପକ୍ଷ ୨୦୦୬ ମସିହା ବାସେଟେରେ ଟେଷ୍ଟରେ ଭାରତ ପାଇଁ ୪ ଟପ୍‌ଅର୍ଡର ବ୍ୟାଟର୍(ୱସିମ ଜାଫର(୪୪), ବୀରେନ୍ଦ୍ର ସେହୱାଗ(୬୫), ଭିଭିଏସ୍‌ଲକ୍ଷ୍ମଣ(୬୩) ଓ ରାହୁଲ ଦ୍ରାବିଡ(୬୮) ଅର୍ଦ୍ଧଶତକ ହାସଲ କରିଥିଲେ। ଏବେ ୱେଲିଙ୍ଗଟନରେ ଭାରତ ୫ ଟପ ଅର୍ଡର ବ୍ୟାଟର ଏପରି କୀର୍ତ୍ତିମାନ ହାସଲ କରିଯାଇଛି। ଭାରତ ୯୪ ବର୍ଷହେଲା ସେନା ଦେଶ(ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲ୍ୟାଣ୍ଡ ଓ ଅଷ୍ଟ୍ରେଲିଆ)ରେ ଟେଷ୍ଟ ଖେଳୁଥିଲେ ହେଁ କେବେ ବି ଦଳର ୪ କିମ୍ବା ୫ ଟପ ଅର୍ଡର ବ୍ୟାଟରମାନେ ୫୦ରୁ ଅଧିକ ରନ କରିପାରି ନଥିଲେ।

ଡୋପ୍ କଳଙ୍କ: ୩ ବର୍ଷ ପାଇଁ କେନିଆର ଷ୍ଟାର୍ ଧାବିକା ଜେପଚିରଚିର ବ୍ୟାନ୍

ଜୁରିଖ, ୨୦/୧୧: କେନିଆର ପ୍ରସିଦ୍ଧ ମାରାଥନ ଧାବିକା ତଥା ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିଅନ୍ ପେରେସ ଜେପଚିରଚିର ଡୋପ୍ ଟେଷ୍ଟରେ ବିଫଳ ହୋଇ ୩ ବର୍ଷ ପାଇଁ ନିଲମ୍ବିତ ହୋଇଛନ୍ତି । ସେ ନିଷିଦ୍ଧ ଶକ୍ତିବର୍ଦ୍ଧକ ଇପିଓ ସେବନ କରିଥିବା ପରୀକ୍ଷାରୁ ସ୍ପଷ୍ଟ ହୋଇଛି । ସେ ମଧ୍ୟ ଦୋଷ ସ୍ୱୀକାର କରିଛନ୍ତି ।

ଜୁଲାଇ ମାସ ୧୭ ତାରିଖରେ ଜେପଚିରଚିରଙ୍କ ନମୂନା ପରୀକ୍ଷା କରାଯାଇଥିଲା ଓ ସେ ଶକ୍ତିବର୍ଦ୍ଧକ ସେବନ କରିଥିବା ପ୍ରମାଣିତ ହୋଇଥିଲା । ସେ କୌଣସି ନିଷିଦ୍ଧ ଶକ୍ତିବର୍ଦ୍ଧକ ସେବନ କରିନଥିବା ପ୍ରଥମେ ସଫେଇ ଦେଇଥିଲେ । ହେଲେ ୨୦ ଦିନ ମଧ୍ୟରେ ସେ ସବୁ ଦୋଷ ମାନି ନେଇଥିଲେ । ଯାହା ଫଳରେ ତାଙ୍କ ଦଣ୍ଡ କୋହଳ କରାଯାଇଛି । ୪ବର୍ଷ ବଦଳରେ ତାଙ୍କୁ ୩ବର୍ଷ ପାଇଁ ନିଲମ୍ବିତ କରାଯାଇଛି । ୨୦୨୯ ଅକ୍ଟୋବର ୧୯ ତାରିଖରେ ତାଙ୍କ ବାସନ୍ଦ ଅବଧି ଶେଷ ହେବ । ଏହାପରେ ସେ ପ୍ରତିଦ୍ୱନ୍ଦ୍ୱିତାରେ ଭାଗ ନେଇ ପାରିବେ ।ଜୁଲାଇ ମାସ ୧୭ ତାରିଖ ପରଠୁ ଜେପଚିରଚିର ଜିତିଥିବା ସମସ୍ତ ପ୍ରତିଯୋଗିତାର ପଦକ ପ୍ରତ୍ୟାହାର କରାଯାଇଛି । ଅଗଷ୍ଟ ମାସ ୩୦ ତାରିଖରେ ଅନୁଷ୍ଠିତ ସିଡନୀ ମାରାଥନରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ନିର୍ଦ୍ଧାରିତ ଦୂରତାକୁ ସେ ୨ ଘଣ୍ଟା ୧୮ ମିନିଟ୍ ୩୧ ସେକେଣ୍ଡରେ ଶେଷ କରିଥିଲେ । ଏହି ପ୍ରତିଯୋଗିତାର ପଦକ ପ୍ରତ୍ୟାହାର କରାଯାଇଛି । କିନ୍ତୁ ୨୦୨୧ ଟୋକିଓ ଅଲିମ୍ପିକ୍ସ ଓ ୨୦୨୫ ବିଶ୍ୱ ଚାମ୍ପିଅନସିପ୍ ସ୍ୱର୍ଣ୍ଣ ପଦକ କାଏମ ରହିଛି ।

ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ବାଦ୍ ପଡ଼ିଲେ ଦୁଇ ପୂର୍ବତନ କ୍ୟାପ୍‌ଟେନ

ଇସଲାମ, ୨୧।୧୧: ବଡ଼ ପଦକ୍ଷେପ ନେଇଛି ପାକିସ୍ତାନ କ୍ରିକେଟ ବୋର୍ଡ ବା ପିସିବି । ଦେଶର ପୂର୍ବତନ କ୍ୟାପ୍‌ଟେନ ମହମ୍ମଦ ରିଜୱାନ ଓ ଶାନ ମସୁଦଙ୍କୁ ପିସିବି ବାର୍ଷିକ କେନ୍ଦ୍ରୀୟ ଚୁକ୍ତିରୁ ବାଦ ଦେଇଛି । ସେହିପରି ଓପନର ଇମାମ ଉଲ ହକଙ୍କ ନାଁ ମଧ୍ୟ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ନାହିଁ । ଶନିବାର ପିସିବି ପକ୍ଷରୁ ନୂଆ କେନ୍ଦ୍ରୀୟ ଚୁକ୍ତିର ତାଲିକା ଘୋଷଣା କରାଯାଇଥିବା ବେଳେ ଏଥିରେ ରିଜୱାନ, ମସୁଦ ଓ ଇମାମଙ୍କ ନାଁ ନଥିବା ସ୍ପଷ୍ଟ ହୋଇଛି । ଜୁଲାଇ ୩୦ରୁ ପାକିସ୍ତାନ କ୍ରିକେଟରଙ୍କ କେନ୍ଦ୍ରୀୟ ଚୁକ୍ତି ଅବଧି ଶେଷ ହୋଇଥିଲେ ହେଁ ଏଯାଏ ପିସିବି ନୂଆ ତାଲିକା ଜାରି କରିପାରି ନଥିଲା । ନୂଆ କଣ୍ଟ୍ରାକ୍ଟରେ କାହାକୁ ରଖାଯିବ ଓ କାହାକୁ ବାଦ ଦିଆଯିବ, ତା'କୁ ନେଇ ପିସିବିର ନେତୃବୃନ୍ଦ ଅନେକ ଥର ମାନସ ମନ୍ଥନ କରିଥିଲେ । ଏହାପରେ ଆଜି ପିସିବି ନୂଆ ତାଲିକା ଜାରି କରିଛି ।

ନୂଆ ଫର୍ମାଟ ଭିତ୍ତିକ ବ୍ୟବସ୍ଥା ଅନୁସାରେ, ଟେଷ୍ଟ ଟିମ କ୍ୟାପ୍‌ଟେନ ବାବର ଆଜମ ଓ ସଲମାନ ଅଲୀ ଆଗା କେବଳ ଦୁଇ ଖେଳାଳି, ଯେଉଁମାନେ ଉଭୟ ଟେଷ୍ଟ ଓ ଦିନିକିଆ ବର୍ଗରେ ରହିଛନ୍ତି । ପାକିସ୍ତାନ ଦିନିକିଆ ଦଳର ଅଧିନାୟକ ଶାହୀନ ଶାହ ଆଫ୍ରିଦି ଏକଦିବସୀୟ ଓ ଟି-୨୦ ବର୍ଗରେ ସ୍ଥାନ ପାଇଛନ୍ତି । ଟି-୨୦ ଅନ୍ତର୍ଜାତୀୟରେ ନୂଆ କରି ପାକିସ୍ତାନର ମଙ୍ଗ ସମ୍ଭାଳୁଥିବା ସାହିବଜାଦା ଫରହାନଙ୍କ ସହ ପିସିବି କେବଳ ଟି-୨୦ ପାଇଁ କେନ୍ଦ୍ରୀୟ ଚୁକ୍ତି କରିଛି । ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ତାଲିକା ପିସିବି ବିଳମ୍ବରେ ଜାରି କରିଥିଲେ ହେଁ ଏବେ କେଉଁ ବର୍ଗରେ ଥିବା କେଉଁ ଖେଳାଳି ବାର୍ଷିକ କେତେ ଟଙ୍କା ପାଇବେ, ସେକଥା ସ୍ପଷ୍ଟ କରିନାହିଁ । କିନ୍ତୁ ଚୁକ୍ତିରେ ଥିବା ୩୮ ଜଣ ଖେଳାଳିଙ୍କ ମଧ୍ୟରୁ ଅଧିକାଂଶଙ୍କୁ ନୂଆ କରି ତିଆରି କରାଯାଇଥିବା ବିକାଶମୂଳକ ବର୍ଗରେ ସ୍ଥାନ ଦିଆଯାଇଛି ।

ତାଲିକାର ବାଦ ପଡ଼ିବା ଅନ୍ୟ ପ୍ରମୁଖ ଖେଳାଳିମାନଙ୍କ ମଧ୍ୟରେ ଅଲରାଉଣ୍ଡର ଆମୀର ଜମାଲ ରହିଛନ୍ତି । ଦିନକ ତଳେ ଶେଷ ହୋଇଥିବା ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜରେ ଜମାଲ କମାଲ କରିଥିଲେ । ଏଥିପାଇଁ ତାଙ୍କୁ ସିରିଜର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା ।

କିନ୍ତୁ ତାଙ୍କୁ ପିସିବି କେନ୍ଦ୍ରୀୟ ଚୁକ୍ତିରୁ ବାଦ ଦେବା ସମସ୍ତଙ୍କୁ ଚକିତ କରିଛି । ଏହାବାଦ ସୈମ ଆୟୁବ, ଅକିଫ ଜାଭେଦ ଓ ସ୍ପିନର ଅଲୀ ଉସାମ ମଧ୍ୟ କେନ୍ଦ୍ରୀୟ ଚୁକ୍ତିରେ ସ୍ଥାନ ପାଇ ନାହାନ୍ତି । ନିକଟରେ ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ସିରିଜରେ ନଜର ଆସିଥିବା ଦ୍ରୁତ ବୋଲର ଖୁରାମ ଶେହଜାଦ ଓ ମହମ୍ମଦ ଅଲୀଙ୍କୁ ମଧ୍ୟ ପିସିବି ଅଣଦେଖା କରିଛି ।

ମେରୀ କମଙ୍କୁ କୋର୍ଟ ନୋଟିସ୍

ମୁମ୍ବାଇ, ୨୦।୧୧(ଏଜେନ୍ସି): ଦେଶର ଜଣାଶୁଣା ବକ୍ସର (ମୁଷ୍ଟିଯୋଦ୍ଧା) ଓ ସଲମାନ ଖାନଙ୍କ ଶୋ' ବିଗ୍ ବସ-୧୦ରେ ନଜର ଆସି ସାରିଥିବା ମେରୀ କମ୍, ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି , ହେଲେ ଏହିଥର ସେ କୌଣସି ଶୋ' କିମ୍ବା ଟିପ୍ପଣୀ କାରଣରୁ ନୁହେଁ ବରଂ ଏକ୍ସ ସ୍ୱାମୀଙ୍କ ସହ ବିବାଦ କାରଣରୁ ଚର୍ଚ୍ଚାରେ। ଏହି ବକ୍ସରଙ୍କ ବିରୋଧରେ ଏକ୍ସ -ସ୍ୱାମୀ କରୋଙ୍ଗ ଓଙ୍ଗ ?ଲର ମାନହାନି କେସ୍ କରିଥିଲେ ,ଯେଉଁଥିରେ ଦିଲ୍ଲୀର ସାକେତ କୋର୍ଟ ମେରୀ କମଙ୍କୁ ନୋଟିସ୍ ଜାରି କରିଛି । କରୋଙ୍ଗ ଓଙ୍ଗଲର ମାନହାନି ମାମଲାରେ ଆଜି (୨୦ ନଭେମ୍ବର) ମେରୀ କମଙ୍କ ପୂର୍ବତନ ସ୍ୱାମୀ କରୋଙ୍ଗ ଓଙ୍ଗ ?ଲର ଓ ଅନ୍ୟ ସାକ୍ଷୀମାନେ ନିଜ ନିଜର ବୟାନ ରେକର୍ଡ କରାଇଛନ୍ତି । ମେରୀ କମଙ୍କ ପୂର୍ବତନ ସ୍ୱାମୀ କରୋଙ୍ଗ ଓଙ୍ଗ ?ଲର ଏକ ଟେଲିଭିଜନ ଇଣ୍ଟରଭ୍ୟୁ ବେଳେ କଥିତ ରୂପେ କରାଯାଇ ଥିବା ଟିପ୍ପଣୀ ଗୁଡ଼ିକର ସମ୍ବନ୍ଧରେ ଦିଲ୍ଲୀର ସାକେତ କୋର୍ଟରେ ମୁଷ୍ଟିଯୋଦ୍ଧାଙ୍କ ବିରୋଧରେ ମାନହାନିର ଅଭିଯୋଗ ରୁଜୁ କରାଇଛନ୍ତି । ଏହି କେସର ପରବର୍ତ୍ତୀ ଶୁଣାଣି ସାକେତ କୋର୍ଟରେ ୨୧ ଡିସେମ୍ବରରେ ହେବ ।

ଭାରତ ବିପକ୍ଷରେ ୨୬ ରନରେ ଅଲଆଉଟ ନେପାଳ

ଦୋହା, ୨୦।୧୧(ଏଜେନ୍ସି): ଭାରତ-ଏ ୨୦୨୬ ରାଇଜିଂ ଷ୍ଟାର୍ସ ଏସିଆ କପର ପ୍ରଥମ ମ୍ୟାଚ୍ ନେପାଳ ବିପକ୍ଷରେ ଖେଳିଥିଲା। ଶୁକ୍ରବାର ଦିନ ଦୋହାର ୱେଷ୍ଟ ଏଣ୍ଡ ପାର୍କ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଟିମ୍ ଇଣ୍ଡିଆ ୩୦୬ ରନରେ ଏକ ବିଶାଳ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି ଭାରତ ୫୦ ଓଭରରେ ୯ ୱିକେଟ ହରାଇ ୩୩୨ ରନ୍ କରିଥିଲା। ଦଳ ପାଇଁ ତିଲକ ବର୍ମା ଏବଂ କୁମାର କୁଶାଗ୍ର ଶତକ ହାସଲ କରିଥିଲେ। ଜବାବରେ ଚେଜ୍ କରୁଥିବା ନେପାଳ ୧୧.୩ ଓଭରରେ ମାତ୍ର ୨୬ ରନରେ ଅଲଆଉଟ୍ ହୋଇଯାଇଥିଲା। ଏହା ଲିଷ୍ଟ ଏ ଇତିହାସରେ ଚତୁର୍ଥ ସର୍ବନିମ୍ନ ସ୍କର ଥିଲା। ଏହି ଇନିଂସରେ ଭାରତ ପକ୍ଷରୁ ପ୍ରିନ୍ସ ଯାଦବ ସର୍ବାଧିକ ୫ଟି ୱିକେଟ୍ ନେଇଥିଲେ। ହର୍ଷିତ ରାଣା ଚାରୋଟି ୱିକେଟ୍ ନେଇଥିଲେ। ଶାହବାଜ ଅହମ୍ମଦ ବାକି ଗୋଟିଏ ୱିକେଟ୍ ନେଇଥିଲେ।



ମ୍ୟାଚ୍ ବହୁତ ରୋମାଞ୍ଚକର ଥିଲା। ପ୍ରଥମେ ବ୍ୟାଟିଂ କରି ଟିମ୍ ଇଣ୍ଡିଆର ଆରମ୍ଭ ଭଲ ନଥିଲା। ଦଳ ମାତ୍ର ୪୨ ରନ୍ ରେ ତିନୋଟି ୱିକେଟ ହରାଇଥିଲା। ବୈଭବ ସୂର୍ଯ୍ୟବଂଶୀ (୨୬), ଅଭିଷେକ ଶର୍ମା (୯), ଏବଂ ଆୟୁଷ ବଦୋନି (୨) ଆଉଟ୍ ହୋଇଥିଲେ। ଏହି ସ୍କରକୁ ଦେଖିଲେ ଲାଗୁଥିଲା ଯେ ମୋଟ ୨୦୦ ରନ୍ ମଧ୍ୟ ଭାରତ ପାଇଁ କଷ୍ଟକର ହେବ। ଯଦି ଟିମ୍ ଇଣ୍ଡିଆ ପ୍ରାୟ ୨୦୦ ରନ୍ କରିଥାଏ, ତେବେ ସେମାନେ ନେପାଳଠାରୁ କଠିନ ମୁକାବିଲାର ସମ୍ମୁଖୀନ ହୋଇପାରନ୍ତି, କିନ୍ତୁ ଘଟଣା ବିପରୀତ ଘଟିଥିଲା।

୪୨ ରନ୍‌ରେ ୩ ୱିକେଟ୍ ହରାଇବା ପରେ, ଟିମ୍ ଇଣ୍ଡିଆ ୫୦ ଓଭରରେ ମୋଟ ୩୦୦ ରୁ ଅଧିକ ରନ ସଂଗ୍ରହ କରିଥିଲା। ଚତୁର୍ଥ ନମ୍ବର ବ୍ୟାଟ୍ସମ୍ୟାନ୍ ତିଲକ ବର୍ମା ୬ ଚୌକା ଏବଂ ୪ ଛକା ସହିତ ୧୦୭ ରନ କରିଥିଲେ। ପଞ୍ଚମ ନମ୍ବର ବ୍ୟାଟର କୁମାର କୁଶାଗ୍ର ୧୦ ଚୌକା ଏବଂ ୫ ଛକା ସହାୟତାରେ ୧୧୭ ରନ କରିଥିଲେ। ଦୁହେଁ ଚତୁର୍ଥ ୱିକେଟ୍ ସୁଦ୍ଧା ୨୦୬ ରନର ଭାଗୀଦାରି (୧୯୧ ବଲ୍) କରିଥିଲେ, ଯାହା ଦଳକୁ ମୋଟ ୩୦୦ ରୁ ଅଧିକ ରନ ସଂଗ୍ରହ କରିବାରେ ସାହାଯ୍ୟ କରିଥିଲା। ନେପାଳର ଚେଜ୍ କରିବା ବିପର୍ଯ୍ୟୟଜନକ ଥିଲା। ଦଳ ୧୨ତମ ଓଭରରେ ମାତ୍ର ୨୬ ରନରେ ଅଲଆଉଟ୍ ହୋଇଯାଇଥିଲା। ପଡ଼ିଆରେ ଥିବା ୧୧ ଜଣ ବ୍ୟାଟରଙ୍କ ମଧ୍ୟରୁ କେହି ଦୁଇ ଅଙ୍କ ଛୁଇଁ ପାରିନଥିଲେ। ପବନ ସରାଫ ଏବଂ ରସିଦ ଖାନ ସର୍ବାଧିକ ୬ ରନ କରିଥିଲେ। ପାଞ୍ଚ ଜଣ ବ୍ୟାଟସମ୍ୟାନ ଶୂନ୍ୟରେ ଆଉଟ ହୋଇ ନିଜର ଖାତା ଖୋଲିପାରି ନଥିଲେ।

ହକି ପଦାର୍ପଣରେ ଗୋଲ୍ କରି ଚମକିଲେ ଓଡ଼ିଆ ଝିଅ ପୂଜା

ଭୁବନେଶ୍ୱର, ୨୧/୧୧ (ବିମଳ କୁମାର ରାଉଳ) : କଠିନ ପରିଶ୍ରମ, ଶୃଙ୍ଖଳା, ଏକାଗ୍ରତ ଏବଂ ଦୃଢ଼ ଇଚ୍ଛାଶକ୍ତି ମଣିଷକୁ ସଫଳ କରାଇଥାଏ । ଏହାର ଏକ ବଡ଼ ଦୃଷ୍ଟାନ୍ତ ସାଜିଛନ୍ତି ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଅଞ୍ଚଳର କୁକୁଡ଼ା ଗ୍ରାମର ଝିଅ ପୂଜା ସାହୁ । ପିଲା ଦିନେ ହକି କ'ଣ ବୁଝି ନଥିଲେ । ପଡୋଶୀ ଘରର ଦିଦିମାନେ ଖେଳୁଥିଲେ, ସେ ବି ଖେଳିବା ଆରମ୍ଭ କଲେ । ବାଉଁଶ ବାଡ଼ିରେ ବଲ୍ ଗଡ଼ଉ ଗଡ଼ଉ ହକି ପ୍ରେମରେ ପଡ଼ିଗଲେ ।



ପ୍ରଥମ କୋଚ ଡୋମିନିକ ଟପ୍ପ ଏକ ପୁରୁଣା ବାଡ଼ିରେ ହକିର କଳା କୌଶଳ ଶିଖାଇଲେ । ଏଇଠୁ ଆରମ୍ଭ ହୋଇଥିଲା ପୂଜାଙ୍କ ହକି ଯାତ୍ରା । ଶେଷରେ ସେ ଭୋପାଳରେ ଚାଲିଥିବା ନବମ ମହିଳା ଏସିଆନ ଚାମ୍ପିଅନ୍ସ ଟ୍ରଫି ୨୦୨୬ର ଉଦଘାଟନୀ ମ୍ୟାଚରେ ମାଲେସିଆ ବିପକ୍ଷରେ ପଦାର୍ପଣ ସୁଯୋଗ ପାଇଲେ । କଥା ଏତିକିରେ ସୀମିତ ନଥିଲା, ସେ ଗୋଟିଏ ଗୋଲ ସ୍କର କଲେ ଏବଂ ଶେଷରେ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହେଲେ ।

ପୂଜାଙ୍କ ବାପା ଭିକୁ ସାହୁ ଏକ ଘରୋଇ ଖଣି କମ୍ପାନୀରେ କାର୍ଯ୍ୟ କରି ଅବସର ନେଇ ସାରିଛନ୍ତି । ମାଆ ଆଲିଶା ସାହୁ ଗୃହିଣୀ । ଭାଇ, ଉଭଣୀ ଦୁଇ ଜଣ । ପୂଜା ହେଉଛନ୍ତି ବଡ଼ । କୁକୁଡ଼ା ଗ୍ରାମରେ ଅନେକ ପିଲା ରାଜ୍ୟ ଓ ଜାତୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଛନ୍ତି । ତେଣୁ ଗାଁରେ ସବୁଦିନ ହକି ଖେଳ ହୁଏ । ପୂଜା କହିଛନ୍ତି, 'ଆମ ଗାଁରେ ଦିଦିମାନେ ନିୟମିତ ହକି ଖେଳୁଥିଲେ । ସେମାନେ ହିଁ ମୋତେ ଖେଳିବାକୁ ଡାକି ନେଉଥିଲେ । ହକି କ'ଣ ବୁଝି ନଥିଲି କିମ୍ବା ହକିକୁ ନେଇ କ'ଣ କ୍ୟାରିୟର କରି ହେବା ତାହା ମଧ୍ୟ ଜଣା ନଥିଲା । ଦିଦିମାନେ ଯେମିତି କହୁଥିଲେ, ସେମିତି ବଲ ଗଡ଼ାଉଥିଲି ।

ବାଉଁଶ ବାଡ଼ିରେ ଖେଳ ଶିଖିଲି । ଘରେ ବାପା, ମାଆଙ୍କର ଆପତ୍ତି ନଥିଲା । ତେଣୁ ଦିନକୁ ଦିନ ମୋର ଆଗ୍ରହ ଏ ଦିଗରେ ବଢ଼ିଲା । ଶେଷରେ ମୋର ପ୍ରଥମ କୋଚ ଡୋମିନିକ ସାରଙ୍କ ପାଖରେ ପ୍ରକୃତ ହକି ଶିକ୍ଷା ଆରମ୍ଭ ହେଲା । ସେ ମୋତେ ଗୋଟିଏ ପୁରୁଣା ହକି ବାଡ଼ି ଦେଇଥିଲେ । ସେଥିରେ ହିଁ ହକିର ପ୍ରଥମ କଳା କୌଶଳ ଶିଖିବା ଆରମ୍ଭ କରିଥିଲି । ପରେ ମୋ ବାପା ମୋ ପାଇଁ ଏକ ନୂଆ ବାଡ଼ି କିଣି ଦେଇଥିଲେ ।

'ପ୍ରଥମେ ମୁଁ ୨୦୧୮ରେ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସକୁ ଚୟନ ହୋଇଥିଲି । ସେଠାରେ ମୋ କୋଚମାନେ ମୋତେ ବହୁ କଥା ଶିଖାଇଥିଲେ । ୨୦୨୧ ପର୍ଯ୍ୟନ୍ତ ସେଠାରେ ଥିଲି । ଏହାପରେ ଦିଲ୍ଲୀରେ ଜାତୀୟ ଉତ୍କର୍ଷ କେନ୍ଦ୍ର (ଏନସିଏ) ରେ ଯୋଗ ଦେଲି । ସେଠାରୁ ବେଙ୍ଗାଲୁରୁ ଜାତୀୟ ଜୁନିୟର ଶିବିରକୁ ଚୟନ ହେଲି ବୋଲି ପୂଜା କହିଛନ୍ତି । ୨୦୨୩ରେ ପୂଜା ଓଡ଼ିଶା ୧୮ ବର୍ଷରୁ କମ୍ ମହିଳା ଦଳରେ ସ୍ଥାନ ପାଇ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା ଖେଳିଥିଲେ । ୨୦୨୪ ସଂସ୍କରଣରେ ଓଡ଼ିଶା ଦ